

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୧୩ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 NOVEMBER 2020
Vol.No. 30 ■ No. 287 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ୧୮ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତବର୍ଷ ୨୦-୨୧ବର୍ଷରେ ୭୧ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ



ଭୁବନେଶ୍ୱର,୧୨।୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସି ମାଧ୍ୟମରେ ଗୁରୁବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୮ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି । ୨୦୨୦-୨୧ରେ ଖରିଫ ଧାନ ସଂଗ୍ରହ ପ୍ରସ୍ତାବକୁ କ୍ୟାବିନେଟ ମଂଜୁରୀ ମିଳିଛି । ସେହିପରି ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ପାଇଁ ଖାଦ୍ୟ ଓ ସଂଗ୍ରହଣ ନୀତିକୁ ମଂଜୁରୀ ଦିଆଯାଇଥିବା ବେଳେ ୨୦-୨୧ ଖରିଫ ବିପଣନ ବର୍ଷରେ ୪୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । ଯାହାକି ଧାନ ହିସାବରେ ପ୍ରାୟ ୭୧ ଲକ୍ଷ ମେଟ୍ରିକ୍ ଟନ୍ ହେବ । ସେହିପରି ,ରବି ବର୍ଷରେ ୫୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇି । ଏହାଠାରୁ ଅଧିକ ଧାନ ଆସିଲେ ରାଜ୍ୟ ସରକାର ତାହାକୁ କ୍ରୟ କରିବେ । ଗତ ବର୍ଷ ୭୦.୫୬ ମେଟ୍ରିକ୍ ଟନ୍ ଧାନ ଓ ୪୭.୭୮ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରାଯାଇଥିଲା । ସେହିପରି ରାଜ୍ୟ କ୍ୟାବିନେଟ କୃଷି ଉତ୍ପାଦନ ଓ ପଶୁପାଳନ ମାର୍କେଟିଂ ଅଧିନିୟମକୁ ମଂଜୁରୀ ଦେଇଛନ୍ତି । କୋଭିଡ ମହାମାରୀରେ ପ୍ରଭାବିତ କୃଷକମାନଙ୍କୁ ତୁରନ୍ତ ଲାଭ ପ୍ରଦାନ ପାଇଁ ଏହି ଅଧିନିୟମ ଅଣାଯିବ । ଏହା ବ୍ୟତୀତ ପୁରୀ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସ୍ୱରୂପ ଅବଢା ଯୋଜନାରେ ଜଗନ୍ନାଥ ବଲ୍ଲଭ ଯାତ୍ରୀ ନିବାସ, ମାର୍କେଟ କଂପ୍ଲେକ୍ସ, ଶ୍ରୀସେତୁ ପାଇଁ ୪୬୧ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ସମସ୍ତ କାର୍ଯ୍ୟ ୩୦ ମାସ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହା ଛଡା ପୁରୀ ମନ୍ଦିର ଚତୁଃପାର୍ଶ୍ୱରେ ଐତିହ୍ୟ ସୁରକ୍ଷା କରିଡର ପାଇଁ ଅଧିକୃତ ଜମିକୁ ଶ୍ରୀ ଜଗନ୍ନାଥ ବିଜେ, ପୁରୀ ମାର୍ଫତ୍ - ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ନାମରେ ବିନା ମୂଲ୍ୟରେ ହସ୍ତାନ୍ତର ଓ ରେକର୍ଡ ସଂଶୋଧନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । କେନ୍ଦୁଝର ଜିଲ୍ଲାର ଯୋଡା - ବାମବେରି ଜାତୀୟ ରାଜପଥରେ ଯୋଡା ଟାଉନ୍ ମଧ୍ୟରେ ୩ କିମି ଦୀର୍ଘ ଏକ ଫ୍ଲାଏ ଓଭର ନିର୍ମାଣ କରାଯିବ । ଏଥିପାଇଁ ୧୪୪ କୋଟି ୧୧ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରୁ ରାଜ୍ୟ କ୍ୟାବିନେଟ୍ ରେ ଅନୁମୋଦନ ମିଳିଛି । ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ । ଗ୍ରୀଡକୋ ୪ ଟି ବିଦ୍ୟୁତ୍ ବିତରଣକାରୀ ସଂସ୍ଥାକୁ ଓଇଆରସି ▶▶ପୃଷ୍ଠା ୭

# ବିହାର୍‌ରେ୍ ନୂତନ ସର୍‌କାର୍ ଗଠନ ତାରିଖ ଏପର୍ଯ୍ୟନ୍ତ ସ୍ଥିର୍ ହୋଇନାହିଁ: ନୀତୀଶ



ପାଟନା,୧୨।୧୧ (ନି.ପ୍ର): ବିହାରରେ ପୁଣି ଥରେ ଏନଡିଏ ସରକାର ଗଠନ ହେବାକୁ ଯାଉଛି । ନୀତୀଶ କୁମାର ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ଜେଡିୟୁ ରାଜ୍ୟ କାର୍ଯ୍ୟାଳୟକୁ ଆସି ନୀତିଶ କୁମାର ନବ ନିର୍ବାଚିତ ବିଧାୟକ ମାନଙ୍କ ବୈଠକ କରିଥିଲେ । ଏହା ପରେ ସେ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରିଥିଲେ । ସେ କହିଥିଲେ ଯେ ଏନଡିଏର ବୈଠକରେ ନେତା ସ୍ଥିର ହେବ । ଆଗାମୀ ୨-୩ ଦିନ ମଧ୍ୟରେ ସବୁକିଛି ସ୍ୱଷ୍ଟ ହୋଇଯିବ । ବର୍ତମାନ ସରକାରଙ୍କ କାର୍ଯ୍ୟକାଳ ନଭେମ୍ବର ୨୯ ପର୍ଯ୍ୟନ୍ତ ରହିଛି, କିନ୍ତୁ ଏହା ପୂର୍ବରୁ ବିହାର ବିଧାନସଭାକୁ ଭଙ୍ଗ କରିବାକୁ ପଡିବ । ଏହା ପରେ ନୂତନ ସରକାର ଗଠନ ହେବ । ବିହାରରେ ଏନଡିଏ ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ମାଧ୍ୟମରେ ଲୋକଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ୱଷ୍ଟ ଭାବରେ କହିଛନ୍ତି ଯେ ଏନଡିଏର ଆନୁଷ୍ଠାନିକ ବୈଠକ ପରେ ହିଁ ନେତାଙ୍କ ନାମକୁ ବିଚାରକୁ ନିଆଯିବ । ସେ କହିଛନ୍ତି ଯେ ବିହାରରେ ଏନଡିଏ ସଂଖ୍ୟାଗରିଷ୍ଠତା ହାସଲ କରିଛି କିନ୍ତୁ ଆମ ମିଳିତ ମଂଚର ସମସ୍ତ ଚାରିଟି ଦଳର ନେତା ଏକାଠି ବସି ପାରସ୍ପରିକ ସହମତି ନେଇ ନିଷ୍ପତି ନେବେ । ନୀତୀଶ କୁମାର ଏହା ମଧ୍ୟ କହିଛନ୍ତି ଯେ ତାଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ, ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଶପଥ ଗ୍ରହଣ ଦୀପାବଳି ପରେ ହେବ କିମ୍ବା ଛଠ ପରେ ଏହା ବର୍ତ୍ତମାନ କୁହାଯାଇପାରିବ ନାହିଁ ।

# ସ୍ୱାଭିମାନ ଅଂଚଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ




ମାଲକାନଗିରି,୧୨।୧୧ (ନି.ପ୍ର): ପୋଲିସ, ବିଏସଏଫ, ଡ଼ିଭିଏଫ ଓ ଏସଓଜିର ମିଳିତ ଅପରେସନ ବେଳେ ସ୍ୱାଭିମାନ ଅଂଚଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ଅଣ୍ଡରାପାଲି ନିକଟ ଜଙ୍ଗଲରେ ମାଟି ତଳେ ଡ଼୍ରମିଙ୍ଗ କରି ପୋତି ରଖାଯାଇଥିବା ଏସବୁ ସାମଗ୍ରୀକୁ ଜବତ କରିଛନ୍ତି ଯବାନ ମାନେ । ଜବତ ବିସ୍ଫୋରକ ସାମଗ୍ରୀ ମଧ୍ୟରେ ରହିଛି ୧୪ଟି ଗ୍ରେନେଡ୍, ୨ଟି ଲ୍ୟାଣ୍ଡମାଇନ, ୧୦୦ ରୁ ଊର୍ଦ୍ଧ୍ୱ ଗୁଳି । ଗତକାଲି ଗୁଇନ୍ଦା ସୂତ୍ରରୁ ଖବର ପାଇ ସମ୍ପୃକ୍ତ ଅଂଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା ଏବଂ ଅପରେସନ ବେଳେ ଏସବୁ ସାମଗ୍ରୀ ଜବତ ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୪ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୪୮୩ ହେଲା



ଭୁବନେଶ୍ୱର,୧୨।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୮୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ୩ ଜଣ, ନୂଆପଡା ଓ ସୁନ୍ଦରଗଡ ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ବରଗଡ, ବାଲେଶ୍ୱର, କଟକ, କଳାହାଣ୍ଡି, କେନ୍ଦ୍ରାପଡା, ମୟୁରଭଂଜ ଓ ସମ୍ବଲପୁର ଜଣେ ଜଣେ ଅଛନ୍ତି । ମୃତକଙ୍କ ବରଗଡ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ, ବାଲେଶ୍ୱର ଜିଲ୍ଲାର ଜଣେ ୬୮ ବର୍ଷୀୟ ପୁରୁଷ ରହିଛନ୍ତି । ଭୁବନେଶ୍ୱରର ୬୨ ଓ ୮୬ ବର୍ଷୀୟ ଦୁଇ ଜଣ ପୁରୁଷ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୭୯ ବର୍ଷୀୟ ପୁରୁଷ, କଳାହାଣ୍ଡି ଜିଲ୍ଲାର ୬୭ ବର୍ଷୀୟ ପୁରୁଷ ତଥା କେନ୍ଦ୍ରାପଡା ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ, ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଧର୍ମଶାଳା ସବ୍ ରେଜିଷ୍ଟାର କାର୍ଯ୍ୟାଳୟ କନିଷ୍ଠ କିରାଣୀ



ଧର୍ମଶାଳା,୧୨।୧୧ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକରେ ଭିଜିଲାନ୍ସ ଚଢାଉ କରିଛି । ଭିଜିଲାନ୍ସ ଜାଲରେ ପଡିଲେ ଧର୍ମଶାଳା ସବ୍ ରେଜିଷ୍ଟାର କାର୍ଯ୍ୟାଳୟର କନିଷ୍ଠ କିରାଣୀ । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଯାଜପୁର ଜିଲାଲାନ୍ସ ଚଢାଉ କରିଛି । ଏହି କିରାଣୀ ଜଣକ ହେଲେ ଧର୍ମଶାଳା ବ୍ଲକ ଚହଟା ଗ୍ରାମର କାର୍ତିକ ମହାନ୍ତିଙ୍କ ପୁଅ ରତ୍ନାକର ମହାନ୍ତି । ତାଙ୍କ ପୈତୃକ ସମ୍ପତି ବାସଭବନ ସହ ଏକ କାଳୀନ ୭ଟି ସ୍ଥାନରେ ଆଜି ଭୋରୁ ଏହି ଚଢାଉ ଜାରି ରହିଛି । ସୂଚନା ମୁତାବକ ଆଜି ଭୋରୁ କେନ୍ଦ୍ରାପଡା ଭିଜିଲାନ୍ସ ଡିଏସପି ସୁରେନ୍ଦ୍ର ରାୟଗୁରୁଙ୍କ ନେତୃତ୍ୱରେ ଏକ ଚଢାଉକାରୀ ଦଳ ଧର୍ମଶାଳା ବ୍ଲକ ଚହଟା ଗ୍ରାମରେ ନିଜ ବାସଭବନ ସହ ଶାନ୍ତି ବଜାରସ୍ଥିତ ୨ଟି ମାର୍କେଟ କମ୍ପେକ୍ସ,ଗୋଟିଏ ଘର,ଜାରକାସ୍ଥିତ ବରଜୁ ନଗର ଗୋଟିଏ ଘର,ଆକାଶ ହୋଟେଲ,୨ଗୋଟି କାର୍ଯ୍ୟାଳୟ ଆଦି ସ୍ଥାନରେ ▶▶ପୃଷ୍ଠା ୭

# ପୌର ନିର୍ବାଚନ ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୧୨।୧୧ (ନି.ପ୍ର): ଓଡିଶାରେ ଆସନ୍ତା ୬ ମାସ ମଧ୍ୟରେ ହୋଇପାରେ ପୌର ନିର୍ବାଚନ । ଏଥିପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ପ୍ରଥମେ ସୀମା ପୁନଃ ନିର୍ଦ୍ଧାରଣ ଏବଂ ୱାର୍ଡ ସଂରକ୍ଷଣ ହେବ । ଏଥିପାଇଁ ୪ ମାସ ସମୟ ଲାଗିବ । ତା ପରେ ପୌର ନିର୍ବାଚନ ହେବ । ୫୦ ପ୍ରତିଶତ ଭିତରେ ରିଜର୍ଭେସନ୍ ରହିବ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ସେହି ଅନୁସାରେ, ପୌର ନିର୍ବାଚନ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଆସନ୍ତା ୨୦ ତାରିଖ ଠାରୁ ବିଧାନସଭାରେ ବସିବାକୁ ଥିବା ଶୀତକାଳୀନ ଅଧିବେଶନରେ ପୌର ନିୟମ ସଂଶୋଧନ ନେଇ ବିଧେୟକ ଆସିବ ବୋଲି ଜଣାପଡିଛି । ସୂଚନା ଥାଉକି ଯେ ▶▶ପୃଷ୍ଠା ୭

# ପ୍ରଧାନମନ୍ତ୍ରୀଙ୍କର ୨.୬୫ ଲକ୍ଷ କୋଟିର ପ୍ୟାକେଜ ଦୀପାବଳିର ଉପହାର: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୨।୧୧ (ନି.ପ୍ର): ଦେଶରେ ଅର୍ଥନୀତିକୁ ସୁଦୃଢ଼ କରିବା, ଚାହିଦା ବଢ଼ାଇବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ତଥା ଚାପଗ୍ରସ୍ତ କ୍ଷେତ୍ର, ଚାଷୀ, ଏମଏସଏମଇ ଏବଂ ମଧ୍ୟବିତ ଆୟ ସମୂହଙ୍କୁ ସାହାଯ୍ୟ କରିବା ପାଇଁ ଆତ୍ମନିର୍ଭର ଭାରତ ୩.୦ ଅଧୀନରେ ୨.୬୫ ଲକ୍ଷ କୋଟି ଟଙ୍କାର ପ୍ରୋତ୍ସାହନ ଘୋଷଣା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀଙ୍କର ୨.୬୫ ଲକ୍ଷ କୋଟିର ପ୍ୟାକେଜ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଦୀପାବଳିର ଉପହାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଥିବା ଦେଶର ସବୁ କ୍ଷେତ୍ର ପ୍ରତି ଦୃଷ୍ଟି ତଥା ସେମାନଙ୍କ ଆବଶ୍ୟକତାକୁ ଧ୍ୟାନ ଦେଇଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଜି ଘୋଷଣା କରାଯାଇଥିବା ୧୨ଟି ପଦକ୍ଷେପ ସମାଜର ସବୁ ବର୍ଗର ଲୋକମାନଙ୍କୁ ଲାଭ ଦେବା ସହ ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ଓ ଚାହିଦା ବୃଦ୍ଧି କରିବ ଏବଂ ବିକାଶକୁ ଗତି ଦେବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି କୋଭିଡ୍-୧୯ର ପୁନଃଉଦ୍ଧାର ପର୍ଯ୍ୟାୟରେ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ମାଧ୍ୟମରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ନୂତନ ଯୋଗ୍ୟ କର୍ମଚାରୀଙ୍କ ପାଇଁ ୨ ବର୍ଷ ପର୍ଯ୍ୟନ୍ତ ଇପିଏଫ୍ ଭରଣା ଭଳି ପଦକ୍ଷେପ ମୋଦି ସରକାରଙ୍କ ନିଯୁକ୍ତି ସୃଷ୍ଟି କରିବା ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି । ଏମଏସଏମଇ, ବ୍ୟବସାୟ, ମୁଦ୍ରା ଋଣଦାତା ତଥା ବ୍ୟବସାୟ କରିବା ନିମନ୍ତେ ବ୍ୟକ୍ତିଗତ ଋଣ ପାଇଁ ଏମରଜେନ୍ସି କ୍ରେଡ଼ିଟ୍ ଲାଇନ୍ ଗ୍ୟାରେଂଟି ସ୍କିମର ସମ୍ପ୍ରସାରଣ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କରାଯିବା ଚାପଗ୍ରସ୍ତ କ୍ଷେତ୍ରକୁ ଆରାମ ଦେବ ଏବଂ ୱେଲଥ୍ କ୍ରିଏଟର୍ସଙ୍କ ▶▶ପୃଷ୍ଠା ୭

# ଉପଜିଲ୍ଲାପାଳ ଅଫିସର କିରାଣୀଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର,୧୨।୧୧ (ନି.ପ୍ର): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଉପଜିଲ୍ଲାପାଳ ଅଫିସର ବରିଷ୍ଠ କିରାଣୀ ଉଦୟନାଥ ଜେନାଙ୍କ ଘର ସମେତ ତିନିଟି ସ୍ଥାନରେ ଏକକାଳୀନ ଭିଜିଲାନସ ଚଢାଉ କରିଛି । ଭୁବନେଶ୍ୱର ଭିଜିଲାନସ ପକ୍ଷରୁ ଉଦୟନାଥ ଜେନାଙ୍କ ସୁନ୍ଦରପଦାସ୍ଥିତ ଘର, କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ୍ ଅନ୍ତର୍ଗତ ଏଣ୍ଟୁଳପୁର ଗ୍ରାମରେ ଥିବା ପୈତୃକ ଘର ଓ ତାଙ୍କ ଅଫିସରେ ଚଢଉ ଜାରି ରହିଛି ।

# ୨୧୫ଟି ଆଇନ୍‌କୁ ରଦ୍ଦ କରିବାକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୧୨।୧୧ (ନି.ପ୍ର): ୧୯୫୦ ମସିହାରୁ ୨୦୧୧ ମସିହା ମଧ୍ୟରେ ରାଜ୍ୟରେ ପ୍ରଚଳିତ ଥିବା ୨୧୫ଟି ଆଇନକୁ ରଦ୍ଦ ବା ନିରସ୍ତ କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଭିଡିଓ କନଫରେନ୍ସି ମାଧ୍ୟମରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଇନ ବିଭାଗ ଦେଇଥିବା ୨୧୪ଟି ଆଇନକୁ ନିରସ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ରାଜ୍ୟ ବିଧି ଆୟୋଗ ୨୦୨୦ ସେପଟ୍ମ୍ବର ୨୪ତାରିଖରେ ନିଜର ସୁପାରିସ ରିପୋର୍ଟରେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ଏହି ୨୧୪ଟି ଆଇନକୁ ନିରସ୍ତ କରିବା ନିମନ୍ତେ ସୁପାରିସ୍ କରିଥିଲେ । ଅଧିକ ପରୀକ୍ଷା କରିବାପରେ ୧୯୭୨ ମସିହାରେ ପ୍ରଣୟନ କରାଯାଇଥିବା ଏକ ବିନିଯୋଗ ଅଧିନିୟମ ମଧ୍ୟ ନିରସ୍ତ କରିବାକୁ ଚିହ୍ନଟ ହୋଇଛି । ସେହିପରି ମୋଟ ୨୧୫ଟି ଆଇନକୁ ନିରସ୍ତ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ତେଣୁ ରାଜ୍ୟ ବିଧି ଆୟୋଗଙ୍କ ସୁପାରିସକୁ ଗ୍ରହଣ କରି ରାଜ୍ୟ ସରକାର ଓଡ଼ିଶା ବିନିଯୋଗ(ନିରସ୍ତ) ଅଧିନିୟମ-୨୦୨୦ ପ୍ରଣୟନ ନିମନ୍ତେ ନିଷ୍ପତି ନେଇଛନ୍ତି ।

# ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ୱାଟର ଏଟିଏମ୍ ଉଦ୍‌ଘାଟିତ



ବାଲେଶ୍ୱର,୧୨।୧୧ (ନି.ପ୍ର): ଏମସିଏଲ ଏବଂ ଏନଟିପିସିର ସିଏସଆର ଫଣ୍ଡ ସହାୟତାରେ କ୍ରିଏଟିଭ୍ ସୋସାଇଟି ଦ୍ୱାରା ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ସ୍ଥାପିତ ଅତ୍ୟାଧୁନିକ ୱାଟର ଏଟିଏମ ଆଜି ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଏମସିଏଲ ଏବଂ ଏନଟିପିସି କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ । ଏହି ୱାଟର ଏଟିଏମ ଦ୍ୱାରା ଡାକ୍ତରଖାନାର ରୋଗୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, କ୍ରିଏଟିଭ୍ ସୋସାଇଟିର ଅଧ୍ୟକ୍ଷ ବିଏସ ନେଗି, ସିଡିଏମଓ ଡାକ୍ତର ଦୁଲାଳ ସେନ୍ ଜଗଦେବ, ଏଡିଏମଓ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଯୁବ ସଂଗଠକ ▶▶ପୃଷ୍ଠା ୭

# ଗୁଗୁଲ ମିଟ୍ ଜରିଆରେ ବାଲ୍ୟ ବିବାହ ନିରୋଧି ଟାସ୍କଫୋର୍ସ ବୈଠକ

କନ୍ଧମାଳ,୧୨।୧୧ (ନି.ପ୍ର): ବାଲ୍ୟ ବିବାହ ବନ୍ଦ କରିବା ସହିତ କିଶୋରୀ ମାନଙ୍କର ସଶକ୍ତିକରଣ ନିମନ୍ତେ କନ୍ଧମାଳ ଜିଲ୍ଲା ପ୍ରଶାସନ ଦ୍ୱାରା ଗଠନ କରାଯାଇଥିବା ଟାସ୍କ ଫୋର୍ସର ସମୀକ୍ଷା ଆଜି ଗୁଗୁଲ ମିଟ୍ ଜରିଆରେ କନ୍ଧମାଳ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ସମସ୍ତ ୧୨ଟି ବ୍ଲକ ଗୁଡିକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷଣା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବ୍ଲକ ସ୍ତରୀୟ ଟାସ୍କ ଫୋର୍ସ ଏବଂ ପଂଚାୟତ ସ୍ତରୀୟ ଟାସ୍କ ଫୋର୍ସ କମିଟିର ଗଠନ ଏବଂ ଏବଂ ଏହାର କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହକୁ ଜିଲ୍ଲାରେ ନିଶେଧ କରିବାକୁ ଜିଲ୍ଲାରେ ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାଚେତନତା ବୃଦ୍ଧି କରିବାପାଇଁ ଜିଲ୍ଲାପାଳ ଏବଂ ବାଲିଗୁଡା ଉପ-ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ପରାମର୍ଶ ଦେଇଥିଲେ । ତୃଣମୂଳ ସ୍ତରୀୟ ଟାସ୍କ ଫୋର୍ସ କମିଟିରେ ବାଲ୍ୟ ବିବାହ ପ୍ରତିରୋଧ ମଂଚ ସଦସ୍ୟ ସଦସ୍ୟା ତଥା ଅନ୍ୟାନ୍ୟ ଫେଡେରେସନର କିଶୋରୀ ମାନଙ୍କୁ ସଭ୍ୟା ଭାବରେ ନିଆଯିବାକୁ ନିଷ୍ପତି ହୋଇଥିଲା । ଖୁବ ଶିଘ୍ର ଜିଲ୍ଲା ସ୍ତରୀୟ ଏକ ଅଭିଯାନ କରାଯିବାକୁ ନିଷ୍ପତି ନିଆଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ । କାର୍ଯ୍ୟକ୍ରମ ଗୁଡିକୁ ଜିଲ୍ଲା ସ୍ତରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନୀ ମିଶ୍ର,କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ଏସ.ଗାୟତ୍ରୀ ଏବଂ ଆକ୍ସନ ଏଡ୍ ର ସଂଯୋଜିକା ସ୍ୱାତୀ ତନ୍ମୟା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ଏହି ସମୀକ୍ଷା ସମୟରେ କନ୍ଧମାଳ ଉପ ଜିଲ୍ଲାପାଳ ସୁରେଶ କୁମାର ନନ୍ଦଙ୍କ ସମରତ ସମସ୍ତ ଗୋଷଯଠୀ ଉନ୍ନୟନ ଅଧିକାରୀ ଜିଲ୍ଲା ଟାସ୍କ ଫୋର୍ସର ସମସ୍ତ ସଦସ୍ୟ ସଦସ୍ୟା ତଥା ସମସ୍ତ ବାଲ୍ୟ ବିବାଷ ନିଶେଧ ଅଧିକାରିଣୀ ,ସମସ୍ତ ସୁପରଭାଇଜର, ସଚେତନତା କାର୍ଯ୍ୟକ୍ରମରେ ପ୍ରମୁଖ ଭୁମିକା ଗ୍ରହଣ କରୁଥିବା ସ୍ୱେଛାସେବୀ ଅନୁଷ୍ଠାନ ସ୍ୱାତୀ,ଜାଗୃତି, ବନବାସୀ ସେବା ସମିତି ଏବଂ ସେଭ ଦି ଚିଲଡ୍ରେନ୍ ର କର୍ମକାର୍ତା ମାନେ ଯୋଗ ଦେଇ ସେମାନଙ୍କର ମତାମତ ଦେଇଛନ୍ତି ।

# ଆୟୁଷ ଡ଼ାକ୍ତରମାନଙ୍କୁ ସରକାରୀ ଡ଼ାକ୍ତରର ମାନ୍ୟତା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଦାବ

ବାରିପଦା,୧୨।୧୧ (ନି.ପ୍ର): ଓଡ଼ିଶା ରାଜ୍ୟର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜ କରୋନା ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ ଭୂମିକା ମଧ ବେଶ ଗୁରୁତ୍ୱପୂର୍ଣ୍ଣ । ମୟୂରଭଞ୍ଜ ଜିଲ୍ଲାରେ ଏନଏଚଏମ ଅଧୀନରେ ଅନେକ ଠିକା ଭିତିକ କର୍ମଚାରୀମାନେ ଜିଲ୍ଲାର ୨୬ଟି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି କରୋନା ମହାମାରୀର ମୁକାବିଲା ନିମନ୍ତେ ଟିଏମସି ଟେଣ୍ଟର, କୋଭିଡ୍ କେୟାର ଆଦିରେ ଆୟୂଷ ଡ଼ାକ୍ତରମାନଙ୍କ ଉପରେ କୋଭିଡ଼-୧୯ ସଂକ୍ରମିତମାନଙ୍କ ଚିକିତ୍ସା ଦାୟିତ୍ୱ ନ୍ୟସ୍ତ କରିଛନ୍ତି ରାଜ୍ୟ ସରକାର । ପୁଣି ହୋମ ଆଇସୋଲେସନରେ ଥିବା ପଜିଟିଭ ରୋଗୀମାନଙ୍କ ଚିକିତ୍ସା ଦାୟିତ୍ୱରେ ମଧ ରହିଛନ୍ତି । କେବଳ ଏତିକି ନୁହେଁ ବିଭିନ୍ନ ମହାମାରୀ, ବିପର୍ଯ୍ୟୟ ସମୟରେ ଆୟୂଷ ଡ଼ାକ୍ତର ସେବା ପ୍ରଦାନରେ ଆଗରେ ଥାନ୍ତି । କରୋନା ରୋଗୀମାନଙ୍କ ସଂସ୍ପର୍ଶରେ ଆସି ଅନେକ ଆୟୂଷ ଡ଼ାକ୍ତର କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ କେତେକଙ୍କ ମୃତ୍ୟୁ ହୋଇଯାଇଛି । ଦୀର୍ଘ ୧୪ ବର୍ଷରୁ ଅଧିକ ସମୟ ଧରି ସେବା ପ୍ରଦାନ କରି ଆସୁଥିବା ଆୟୂଷ ଡ଼ାକ୍ତରମାନଙ୍କୁ ସରକାର ସ୍ଥାୟୀ କରାଇବା ସହିତ ସରକାରୀ ସୁବିଧା ସୁଯୋଗରୁ ବଂଚିତ କରାଇ ଆସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନ । ପୁଣି ସରକାରଙ୍କ ପାତର ଅନ୍ତର ମନୋଭାବ ଅତ୍ୟନ୍ତ ଦୁଃଖ ଦାୟକ । କରୋନା ମହାମାରୀରେ କାର୍ଯ୍ୟରତ ଆୟୂଷ ଡ଼ାକ୍ତରମାନଙ୍କୁ ସରକାର ଗୋଟାଏ ମାସର ଅଗ୍ରୀମ ଦରମା ପ୍ରଦାନ କରିଥିବା ବେଳେ ସ୍ଥାୟୀ କର୍ମଚାରୀମାନଙ୍କୁ ୪ ମାସର ଦରମା ଦେବା ଏହାର ନଗ୍ନ ଉଦାହରଣ । ବର୍ତମାନର ମହଙ୍ଗା ବଜାରରେ ସ୍ୱଳ୍ପ ବେତନ ପାଉଥିବା ଠିକା ଭିତିକ ନିଯୁକ୍ତି ପାଇଥିବା ଆୟୂଷମାନେ ପରିବାରର ଭରପୋଷଣ ଭାର ସମ୍ଭାଳିବା ଦୂରର ବିଷୟ ନିଜର ଗଜୁରାଣ ମେଂଟାଇବା ଅସମ୍ଭବ ହୋଇପଡ଼ିଛି । ଏଣୁ ଓଡ଼ିଶା ସରକାର ଆୟୂଷ ଡ଼ାକ୍ତରମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଅବିଳମ୍ବେ ସେମାନଙ୍କ ଚାକିରୀକୁ ସ୍ଥାୟୀ କରାଇବା ସହ ଅନ୍ୟାନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ଆୟୂଷ ଡ଼ାକ୍ତର ସଂଘ ପକ୍ଷରୁ ଦାବି କରାଯାଇଛି ।

# ସ୍ମାଇଲ୍ ଟିମ୍ ପକ୍ଷରୁ ଜରା ନିବାସରେ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

କନ୍ଧମାଳ,୧୨।୧୧ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ନୂଆସାହି ସ୍ଥିତ ବନବାସୀ ଜରା ନିବାସରେ ରହୁଥିବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଆଜି କନ୍ଧମାଳ ସ୍ମାଇଲ୍ ଟିମ୍ ବଣ୍ଟନ କରିଛି ଶୀତବସ୍ତ୍ର । ଏହି ଅବସରରେ ଟିମ୍ ର ସଦସ୍ୟମାନେ କିଛି ସମୟ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହିତ ସେମାନଙ୍କର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । କାର୍ଯ୍ୟକ୍ରମରେ ସ୍ମାଇଲ୍ ଟିମ୍ ର ସଦସ୍ୟ ବିଜୟ ଲକ୍ଷ୍ମୀ ଭୋଇ, ଶୁଭଲକ୍ଷ୍ମୀ ଭୋଇ, ଧରିତ୍ରି ପ୍ରଧାନ, ଅନିଲ୍ କୁମାର ଦିଗାଲ, ସୁବାଷ ଚନ୍ଦ୍ର ମଲିକ, ଶରତ କୁମାର କଟା, ଶରତ କୁମାର ମୁଖୀ, ଭକ୍ତିମୟୀ ବେହେରା,ସ୍ୱର୍ଣ୍ଣଲତା ପାତ୍ର, ଅନ୍ନପୂର୍ଣ୍ଣ ପ୍ରଧାନ ଓ ଅନ୍ୟମାନେ ସାମିଲ୍ ହୋଇଥିବା ବେଳେ ଅନ୍ତେବାସୀ ମାନେ ମଧ ଫୁଲତୋଡ଼ା ଦେଇ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ ।

# ବନବିଭାଗ ତରଫରୁ ଚୋରା ବାଲି ଟ୍ରାକ୍ଟର ଜବତ

ଭୁବନ,୧୨।୧୧ (ନି.ପ୍ର): ପ୍ରଥମେ ଭୁବନ ତହସିଲ,ପରେ ଭୁବନ ଥାନା ଆକ୍ଟିଭ ହୋଇ ଲଘୁ ଖଣିଜ ଦ୍ରବ୍ୟ ଚାଲାଣକାରୀଙ୍କ ଉପରେ ଚଢାଉ ଜାରି ରଖିଥିବା ବେଳେ ଶେଷରେ ଭୁବନ ବନ ବିଭାଗ ମଧ ଆକ୍ସନ ମୁଡରେ କାର୍ଯ୍ୟ ଆରମ୍ଭ କରିଛି । ଗତକାଲି ରାତି ପ୍ରାୟ ୨ ଘଟିକା ସମୟରେ ଫରେଷ୍ଟ ରେଂଜର ଅନିତା ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କର୍ମଚାରୀ ମାନେ ପେଟ୍ରୋଲିଂ ରେ ଯାଉଥିବା ବେଳେ ରଙ୍ଗମାଟିଆ ପୋଲ ନିକଟରେ ବିନା କାଗଜପତ୍ରରେ ଆସୁଥିବା ଏକ ବାଲି ଟ୍ରାକ୍ଟରକୁ ଜବତ କରି ରେଂଜ କାର୍ଯ୍ୟାଳୟକୁ ଆଣିଥିଲେ । ରାଜସ୍ୱ ବିଭାଗ, ପୋଲିସ ଓ ବନବିଭାଗ ର ଚଢାଉରେ ମାଫିଆ ମହଲରେ କୋକୁଆଭୟ ସୃଷ୍ଟି ହୋଇଛି ।

# ଭୁବନ ପୋଲିସର ମିଡନାଇଟ ଅପରେସନ,୩ ବାଲି ଟ୍ରାକ୍ଟର ଓ ଗୋଟିଏ ମାଙ୍କଡାପଥର ଟ୍ରକ ଜବତ: ୭ ଜଣ କୋର୍ଟ ଚାଲାଣ

ଭୁବନ,୧୨।୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ଚୋରା କାରବାର ହେଉଥିବା ବେଳେ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି । ଏହି ଚୋରା କାରବାର ସଂପୂର୍ଣ୍ଣ ବନ୍ଦ କରି ସରକାରଙ୍କ ରାଜସ୍ୱ ବୃଦ୍ଧି କରିବାକୁ ଜିଲ୍ଲାପାଳ ଆରକ୍ଷୀ ବାହିନୀ,ବନବିଭାଗ ଓ ରାଜସ୍ୱ ବିଭାଗ କୁ କଡା ନିର୍ଦ୍ଦେଶ ଦେବାପରେ ବର୍ତମାନ ସମସ୍ତ ବିଭାଗରେ ତତ୍ପରତା ପ୍ରକାଶ ପାଇଛି । ଭୁବନ ଥାନା ଆଇଆଇସି ଜିତେନ୍ଦ୍ର ସାହୁ ଙ୍କ ନିର୍ଦ୍ଦେଶରେ ଗତକାଲି ମିଡନାଇଟ ଅପରେସନ କରାଯାଇ ଚୋରା ଚାଲାଣ ହେଉଥିବା ୩ ଟି ବାଲି ଟ୍ରାକ୍ଟର ଓ ଗୋଟିଏ ମାଙ୍କଡାପଥର ଟ୍ରକକୁ ଜବତ କରାଯାଇଥିବା ଜଣାପଡିଛି । ଭୁବନ ଥାନା ଏଏସଆଇ ରମେଶ କୁମାର ସ୍ୱାଇଁ ଗତକାଲି ରାତି ପ୍ରାୟ ଗୋଟାଏ ସମୟରେ କଣପାଳ ନିକଟରୁ ବାଲି ଚୋରା ଚାଲାଣ କରୁଥିବା ଗାଡି ନଂ- ଓଡି୦୬ଇ-୪୦୯୬,ଓଡି୩୩ଏଚ-୧୮୯ ଓ ଓଡି୦୬ଡି-୪୭୧୭ ତିନୋଟି ଟ୍ରାକ୍ଟରର ୩ ଜଣ ଡ୍ରାଇଭର ଓ ୨ ଜଣ ହେଲପର ଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ । ଆଜି କେଶ ନଂ ୩୨୩/ ୨୦୨୦ରେ ମାମଲା ରୁଜୁ କରି ଅଟକ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅନୁରୂପ ଭାବେ ଗତକାଲି ରାତି ପ୍ରାୟ ସାଢେ ୧୧ ଘଟିକା ସମୟରେ ଭୁବନ ଥାନା ଏସଆଇ ବିକାଶ କୁମାର ବେହେରା ନାଇଟ ପେଟ୍ରୋଲିଂରେ ଯାଉଥିବା ବେଳେ ମଣିପୁର ନିକଟରୁ ଚୋରା ମାଙ୍କଡାପଥର ବୋଝେଇ କରି ଭୁବନ ଆଡକୁ ଆସୁଥିବା ଓଡି୦୪ଏଫ-୩୮୮୩ ନମ୍ବର ବିଶିଷ୍ଟ ଟ୍ରକକୁ ଅଟକାଇ ପଥରମାଲିକ ଓ ଟ୍ରକ ଡ୍ରାଇଭରକୁ ଥାନାକୁ ଆଣିଥିଲେ । କେଶନଂ- ୩୨୨/ ୨୦୨୦ ରେ ମାମଲା ରୁଜୁ କରାଯାଇ ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡିଛି ।

# ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ସ୍ୱେଶାଲ ଏକ୍ସପ୍ରେସର ଚଳାଚଳ ୧୫ ନଭେମ୍ବରରୁ

ସମ୍ବଲପୁର,୧୨।୧୧ (ନି.ପ୍ର): ପୂର୍ବତଟ ରେଲବାଇ ୧୫ ନଭେମ୍ବର-୨୦୨୦ରୁ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ସ୍ୱେଶାଲ ଏକ୍ସପ୍ରେସ ଟ୍ରେନ ପ୍ରତିଦିନ ଚଳାଚଳ କରିବା ପାଇଁ ନିଷ୍ପତି ଗ୍ରହଣ କରିଅଛି । ଟ୍ରେନ୍ ସଂଖ୍ୟା ୦୮୩୦୧ ସମ୍ବଲପୁର-ରାୟଗଡ଼ା-ସ୍ୱେଶାଲ ଟ୍ରେନ୍ ସମ୍ବଲପୁରରୁ ସକାଳ ୬.୫ ମି.ରେ ଛାଡ଼ି ରାୟଗଡ଼ାରେ ମଧାହ୍ନ ୧୨.୪୦ ମି.ରେ ପହଂଚିବ । ଫେରନ୍ତା ପଥରେ ଟ୍ରେନ ସଂଖ୍ୟା ୦୮୩୦୨ ରାୟଗଡ଼ା-ସମ୍ବଲପୁର ସ୍ୱେଶାଲ ଏକ୍ସପ୍ରେସ୍ ରାୟଗଡ଼ାରୁ ଅପରାହ୍ନର ୨.୫ମି.ରେ ଛାଡ଼ି ସମ୍ବଲପୁରରେ ରାତି ୮.୨୦ମି.ରେ ପହଂଚିବ । ଏହି ଟ୍ରେନରେ ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସ୍ଲିପର କୋଚ, ଦୁଇଟି ଗାର୍ଡ୍ ସହିତ ଲଗେଜ ଭେନ୍ ରହିଛି । ଏହି ଟ୍ରେନ ସମ୍ବଲପୁର ରାୟଗଡ଼ା ମଧ୍ୟରେ ହୀରାକୁଦ, ଅତାବିରା, ବରଗଡ଼ ରୋଡ଼, ବରପାଲି, ଲୋଇସିଂହା, ବଲାଙ୍ଗୀର, ସଇଁତଳା, ବଡ଼ମାଲ, ଟିଟିଲାଗଡ଼, କେସିଂଗା, ରୁପ୍ରାରୋଡ଼, ନର୍ଲାରୋଡ଼, ଲାଂଜିଗଡ଼ ରୋଡ଼, ଆମ୍ଭୋଦଲା, ମୁନିଗୁଡ଼ା, ଥେରୁବାଲି ଓ ସିଂଗାପୁର ରୋଡ଼ ଷ୍ଟେସନରେ ରହଣି ହେବ ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ : ୫ ଅଭିଯୁକ୍ତ ଗିରଫ

କେନ୍ଦୁଝର,୧୨।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଚଂଳରେ ବହୁଳ ପରିମାଣର ବେଆଇନ ଦେଶୀ ଓ ବିଦେଶୀ ମଦର ପ୍ରଚଳନ ହେଉଥିବା ବେଳେ ମଝିରେ ମଝିରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଦକ୍ଷତା ପ୍ରଦର୍ଶନର ଉପକ୍ରମ କରାଯାଉଥିଲେ ମଧ୍ୟ ଏହା ଉପରେ ଅଙ୍କୁଶ ଲଗାଇବା ଦିଗରେ ସଫଳ ହୋଇ ପାରୁନାହାଁନ୍ତି । ଯାହା ଅନ୍ତରାଳେ ଆନ୍ତରିକତାର ଅଭାବ ମୁଖ୍ୟ କାରଣ ବୋଲି କୁହା ଯାଉଛି । ଜିଲ୍ଲା ମୁଖ୍ୟାଳୟ ତଥା ସହରର ଅନେକ ସାହୀ, ଗଳିରେ ବ୍ୟାପକ ପରିମାଣର ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଅଛି । ଅଭିଯୋଗ କରିବା ପରେ ମଧ୍ୟ ଫଳ ଶୂନ୍ୟ ରହୁଥିବା ଅଭିଯୋଗ ହେଉଅଛି । ମଝିରେ ମଝିରେ କେବଳ ଲୋକ ଦେଖାଣିଆ ଭାବେ ଦିନେ ଅଧେ ଚଢାଉ କରାଯାଉଥିବା କୁହାଯାଉଛି । ଇତି ମଧ୍ୟରେ ଜିଲ୍ଲାର ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଅବକାରୀ ନିରୀକ୍ଷକ ଦେବୀପ୍ରସାଦ ମିଶ୍ର ଏବଂ ଘଟଗାଁ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ କୃଷ୍ଣ ଚନ୍ଦ୍ର ପରିଡାଙ୍କ ମିଳିତ ଚଢାଉରେ ଘଟଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚଢାଉ କରା ଯାଇଥିଲା ଏହି ଚଢାଉ ସମୟରେ ଚୋରାମଦ କାରବାର ରେ ଜଡିତ ୫ ଜଣ ଅଭିଯୁକ୍ତଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାସୁଦେବ ମୁଣ୍ଡା, ଗଗନ ସେଠୀ, ସାନୁ କିସାନ, ପହଲ୍ଲାଦ ପାତ୍ର ଓ ବିଦ୍ୟାଧର ମହାନ୍ତ । ସେମାନଙ୍କ ଠାରୁ ୪୧ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଗୋଟିଏ ବାଇକ ମଧ୍ୟ ଜବତ ହୋଇଛି । ଏହି ଚଢାଉ ରେ ଅନ୍ୟମାନଙ୍କ ମଧ୍ୟରେ ଘଟଗାଁ ଅବକାରୀ ବିଭାଗ କର୍ମଚାରୀ ଜତିନ୍ଦ୍ର ମହାନ୍ତ, ରେବତୀ ସାହୁ ପ୍ରମୁଖ ସାମିଲ ଥିଲେ । ତେବେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

# ଶହୀଦଙ୍କ ନାମରେ ନାମିତ ହେଲା ବଡ଼ାଙ୍ଗି ଗ୍ରାମର ମୁଖ୍ୟ ରାସ୍ତା

କନ୍ଧମାଳ,୧୨।୧୧ (ନି.ପ୍ର): କନ୍ଧମାଳ - ଗଞ୍ଜାମ ସୀମାବର୍ତୀ ଅଂଚଳ ହରିଗଡ଼ ପଂଚାୟତର ତାରାସିଙ୍ଗ୍ ଥାନା ଅନ୍ତର୍ଗତ ବଡ଼ାଙ୍ଗି ଗ୍ରାମର ମୁଖ୍ୟ ରାସ୍ତାକୁ ଶହୀଦ୍ ଯୋଗେଶ୍ୱର ମଲିକଙ୍କ ନାମରେ ଆଜି ନାମିତ କରାଯିବା ସହିତ ଏକ ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଡ଼ାଙ୍ଗୀ ଗ୍ରାମର ହାଇସ୍କୁଲ ନିକଟରେ ଶହୀଦ ଯୋଗେଶ୍ୱର ମଲିକଙ୍କ ସ୍ମୃତି ଫଳକକୁ ସ୍ଥାନୀୟ ସରପଂଚ ଦିଲ୍ଲିପ କୁମାର ବେହେରା ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ୧୨୭ ବାଟାଲିୟନ୍ କମାଣ୍ଡେଣ୍ଟ ତଥା ବାଲିଗୁଡ଼ା ଦାୟିତ୍ୱରେ ଥିବା ଅଧିକାରୀ ମଉଲି ମୋହନ କୁମାର ଓ ଅନ୍ୟମାନେ ଯୋଗଦେଇ ଶହୀଦ୍ ଜବାନଙ୍କ ସ୍ମୃତି ଫଳକରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶହୀଦଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ । ସରକାର ତଥା ସି.ଆର୍.ପି.ଏଫ୍ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଇଛି କି ନାହିଁ ସେ ସମ୍ପର୍କରେ ମଧ ପରିବାର ବର୍ଗଙ୍କୁ ପଚାରି ବୁଝିଥିଲେ । ଉକ୍ତ ସଭାରେ ବଡ଼ାଙ୍ଗୀ ଗ୍ରାମବାସୀଙ୍କ ସମେତ ୧୨୭ ବାଡ଼ାଲିୟନ୍ ଜବାନ ମାନେ ମଧ୍ୟ ଉପସ୍ଥିତ ଥିଲେ । ପ୍ରକାଶଯେ, ବଡ଼ାଙ୍ଗୀ ଗ୍ରାମର ଯୋଗଶ୍ୱେର ମଲିକ ଗତ ୧୯୯୬ ମସିହାରେ ଆସାମଠାରେ ଆଇ.ଡ଼ି ବିସ୍ଫୋରଣରେ ଶହୀଦ୍ ହୋଇଥିଲେ ।

# ଲକ୍ଷ୍ମୀନଗର-ଅଇଳା ଆବର୍ଜନାରେ ଭର୍ତି

ନୂଆପଡା,୧୨।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ପଂଚାୟତର ଲକ୍ଷ୍ମୀନଗର(ଫକୋଟପଡା)ରେ ପରିମଳ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି । ପାଖାପାଖି ୧ ହଜାର ଲୋକ ବସବାସ କରୁଥିବା ଏହି ପଡା ଖଡିଆଳ ସହରର ବ୍ଲକଛକ ପଛପଟେ ରହିଅଛି । ହେଲେ ଏହି ପଡା ଗଡ୍ରାମୁଣ୍ଡା ପଂଚାୟତ ଅଧିନରେ ଆସୁଅଛି । ହେଲେ ପଡାରେ ପରିମଳ ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି । ପଡାସାରା ମଇଳା ଆବର୍ଜନା ଭର୍ତିହୋଇ ରହିଥିବା ବେଳେ ମଶାବଂଶ ଉତ୍ପାତ ବୃଦ୍ଧି ପାଉଛି ଏହି ମଇଳା ଆବର୍ଜନାକୁ ବର୍ଷ ବର୍ଷ ଧରି ସଫା କରାଯାଉନଥିବା ନେଇ ପଡାବାସୀ ଅଭିଯୋଗ କରିଛନ୍ତି । ସବୁଠାରୁ ପରିତାପର ବିଷୟ ଏହି ପଡା ଦୋଛକିରେ ରହିଯାଇଛି । ପଡାକୁ ନା ଏନଏସି ନା ପଂଚାୟତ ଦୃଷ୍ଟି ପକାଉଛି । ଏନେଇ ପଡାବାସୀ ପଂଚାୟତକୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ସୂଚନା ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସଫେଇ କରିବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

# ଶଯ୍ୟାଶାୟୀ ଦିବ୍ୟାଙ୍ଗଙ୍କୁ ସହାୟତା ଯୋଗାଇ ଦେବାକୁ ଦାବୀ

ନୂଆପଡା,୧୨।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତ ଅନ୍ତର୍ଗତ ବଙ୍କାପୁର ଗ୍ରାମର ବିଷ୍ଣୁ ଚରଣ ବେହେରା ଏବଂ ସକୁନ୍ତଲା ବେହେରାଙ୍କ ୮ ବର୍ଷର ଝିଅ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଛନ୍ତି । ଗତ ୮ ବର୍ଷ ତଳେ ଦିବ୍ୟାଙ୍ଗ ଝିଅ ତପସ୍ୟା ଜନ୍ମ ହୋଇଥିଲା । ଜନ୍ମ ପରଠୁ ମେରୁଦଣ୍ଡ ଠିକନଥିବା କାରଣରୁ ଶେଯରେ ପଡି ରହିଛନ୍ତି । କଥା କହିପାରୁନଥିବା ବେଳେ ବେଡରେ ଝାଡା, ପରିଶ୍ରା କରୁଛନ୍ତି । ଏପରିକି ଖୁଆଇ ଦେଲେ ଖାଉଛନ୍ତି । ବାପା ମାଁ ଛୁଆର ଦେଖାଦେଖାରେ ଲାଗି ଯାଉଥିବାରୁ ଅନ୍ୟାନ୍ୟ କାମ କରିବାରେ ଅସୁବିଧା ଦେଖାଦେଉଛି । ଯାହାଫଳରେ ପରିବାରରେ ରୋଜଗାର ମଧ୍ୟ ହୋଇ ପାରୁନାହିଁ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଦିବ୍ୟାଙ୍ଗ ତପସ୍ୟାଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଅନ୍ତୋଦୟ ହିତାଧିକାରୀଙ୍କୁ ମିଳିନି ୬ ମାସ ସାମଗ୍ରୀ, ଲକ୍ଷ୍ମୀନାରାୟଣ ଏସଏସଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ, ୧୨/୧୧(ହି.ସ.) - ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁର ପଂଚାୟତ କୋଟସିରା ଗ୍ରାମର ଜନୈକ ଅନ୍ତୋଦୟ ହିତାଧିକାରୀ ଛଅ ମାସ ଧରି ଚାଉଳ ଓ ଚଣା ସାମଗ୍ରୀ ମିଳିନଥିବା ଅଭିଯୋଗ କରିଛନ୍ତି । ଅନ୍ତୋଦୟ କାର୍ଡଧାରୀ ଗିତାରାଣୀ ଯେନା ବୁଧବାର ବିଡିଓ ବିଜୟ କୁମାର ସାହୁଙ୍କୁ ଅଭିଯୋଗ ପ୍ରଦାନ କରି ସଂପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରାସନ ସାମଗ୍ରୀ ଯୋଗାଣ ପାଇଁ ନିଯୁକ୍ତ ଲକ୍ଷ୍ମୀନାରାୟଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗାଣ ସାମଗ୍ରୀ ହଡପ କରିବା ଅଭିଯୋଗର ତଦନ୍ତ ଚାଲିଥିବା ବେଳେ ଏହି ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ବାସ୍ତବରେ ସ୍ଥାନୀୟ ସରପଂଚ ହିଁ ଡିଲର ସାଜିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଗତ ଛଅ ମାସ ଧରି ସାମଗ୍ରୀ ଅଭାବରୁ ଭୋକିଲା ଥିବା ହିତାଧିକାରୀ ଯେ କୌଣସି ଅସୁବିଧା ପାଇଁ ସରପଂଚ ଦାୟୀ ରହିବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରି କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏଥି ପୂର୍ବରୁ ସାରୋ ଗ୍ରାମର କେତେକ ବାସିନ୍ଦା ଲକ୍ଷ୍ମୀନାରାୟଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସର ଚାଉଳ, ଗହମ ଓ ଚଣା ହଡପ ଅଭିଯୋଗ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଯୋଗାଣ ଅଧିକାରୀ ଯଥେଷ୍ଟ ବିଳମ୍ବରେ ତଦନ୍ତ କରିଥିଲେ । ସାରୋ ଗ୍ରାମର ଦୁଇ ମାସର ସାମଗ୍ରୀ ଥଇଲା ରିଟେଲ ପଏଂଟରେ ନଥିଲା । ଅନଧିକାର ଭାବେ ସାରୋ ମିଶନ ଶକ୍ତି ଗୃହ ଓ ପଂଚାୟତ ଗୋଦାମ ଗୃହରେ ଥିବା ସାମଗ୍ରୀକୁ ହିସାବକୁ ନେଇଥିଲେ ତଦନ୍ତକାରୀ ଅଧିକାରୀ । କମ୍ୟୁନିଟି କେନ୍ଦ୍ରରେ ତାଲାପଡି ମହଜୁଦ ଥିବା ସାମଗ୍ରୀ ପରିମାଣ ସମ୍ପର୍କରେ ମୌଖିକ ଭାବେ ବୟାନ ଦିଆଯାଇଥିବା ପରିମାଣକୁ ମଧ ଆଶ୍ଚର୍ଯ୍ୟଜନକ ଭାବେ ହିସାବକୁ ନିଆଯାଇ ତଦନ୍ତ ରିପୋର୍ଟ ଦିଆଯାଇଥିଲା । ଏସବୁ ସତ୍ୱେ ସେପ୍ଟେମ୍ବର ଓ ଅକ୍ଟୋବର ମାସ ପାଇଁ ସାରୋଗ୍ରାମର ୩୭.୯୬କ୍ୟୁଇ ।ଲ ସାମଗ୍ରୀ ହଡପ ହୋଇଥିବା ଏ.ସି. ନୋଟରୁ ପ୍ରମାଣ ମିଳିଥିଲା । ଏହି ବିଷୟକୁ ତଦନ୍ତକାରୀ ଅଧିକାରୀ ଏଡାଇ ଦେଇଥିବାରୁ ଜିଲ୍ଲାପାଳଙ୍କ ନିକଟରେ ସାନି ଅଭିଯୋଗ କରାଯାଇଥିବା ଜଣାଯାଇଛି । ଯୋଗାଣ ସାମଗ୍ରୀ ଯୋଗାଣ, ବିତରଣ ଓ ମହଜୁଦ ସମ୍ପର୍କରେ ପାଉସ ମେସିନରେ ସବୁ ତଥ୍ୟ ଉପଲବ୍ଧ ରହିଥିଲେ ବି ତାହାକୁ ତଦନ୍ତ ପରିସରରୁ ବାଦ ଦିଆଯାଇଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ବିଡିଓ ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।

# ଜଜାଙ୍ଗ ଗାଁ ରାସ୍ତାକୁ ମାପ କରିବାକୁ ଜିଲ୍ଲାପାଳଙ୍କ ଠାରେ ଦାବି

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): ଜଜାଙ୍ଗ ଗାଁ ରାସ୍ତାକୁ ମାପ କରି ଜବରଦଖଲ ଥିବା ଅଂଚଳକୁ ମୁକ୍ତ କରିବା ପାଇଁ ଗ୍ରାମର ଯୁବକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି । ବୁଧବାର ଏହି ଦାବିପତ୍ର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରାଯାଇ କାର୍ଯ୍ୟନୁଷ୍ଠାନ ଦାବି କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅଧିନ ଜଜାଙ୍ଗ ଗ୍ରାମରେ ପ୍ରାୟ ୨୫୦ ପରିବାର ରହୁଥିବା ବେଳେ ଗାଁ ରାସ୍ତାକୁ କେତେକ ବ୍ୟକ୍ତ ମଡାଇ ଘର କରିବା, ଆବଦ୍ଧ କରି ନିଜ ବ୍ୟକ୍ତିଗତ କାମରେ ଲଗାଇବା ଦେଖା ଦେଇଛି । ରସ୍ତାକୁ ସଂକୀର୍ଣ୍ଣ କରାଯାଇ ଥିଭାରୁ ଗାଁ ଭିତରକୁ ଅଗ୍ନିଶନ ଯାନ ଓ ଆମ୍ବୁଲାନ୍ସ ତଥା ଭାରୀଯାନ ପ୍ରବେଶ କରି ପାରୁନଥିବା ରୁ ଜରୁରୀକାଳୀନ ସମୟରେ ଲୋକମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି । ଏନେଇ ଗ୍ରାମ୍ୟ ଯୁବକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ମାପ କରାଯାଇ ଜବରଦଖଲ ମୁକ୍ତ କରିବାକୁ ନିବେଦନ କରାଯାଇଛି । ଗ୍ରାମର ରାଜେଶ କୁମାର ବେହେରା, ପ୍ରମୋଦ ନାୟକ , ସୌମ୍ୟ ରଞ୍ଜନ ସାମଲ, ସନାତନ ବାରିକ, ଗଣେଶ ପରିଡା, ସଂଗ୍ରମ କେଶରୀ ନାୟକ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ ।

# ପୁରୀରେ ଦତୋପନ୍ତ ଠେଙ୍ଗଡି ଜୟନ୍ତୀ ପାଳିତ

ପୁରୀ,୧୨।୧୧ (ନି.ପ୍ର): ସ୍ୱଦେଶୀ ଜାଗରଣ ମଂଚ ତରଫରୁ ମହାନ ଚିନ୍ତାନୟକ ରାଷ୍ଟ୍ର ଋଷି ଦତପନ୍ତଠେଙ୍ଗେଡିଜିଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ୱଦେଶୀ ସଂକଳ୍ପ ଦିବସ ପାଳନ ଗୋଏଙ୍କା ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସୁରଜମଲସାହା କଲେଜର ପୂର୍ବତନ ପ୍ରିନ୍ସିପାଲ କାର୍ତିକଚନ୍ଦ୍ର ଦାସ ଯୋଗ ଦେଇଥିଲେ ।ସ୍ୱଦେଶୀ ଜାଗରଣ ମଂଚ ର ରାଜ୍ୟ ସଙ୍ଗର୍ଷ ବାହିନୀ ପ୍ରମୁଖ ସଚି ନନ୍ଦନ ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।ସବିତା ବିଶୋଇ, ବିଶ୍ୱନାଥ ପଣ୍ଡା, ଲକ୍ଷ୍ମୀପ୍ରିୟା ସାହୁ, ଅଜୟ ଦାସ, ଦେବାନନ୍ଦ ମିଶ୍ର, ଭବାନୀ ମିଶ୍ର,ଜଗନ୍ନାଥ ଷଡ଼ଙ୍ଗୀ ଦତପନ୍ତଠେଙ୍ଗେଡିଜିଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ ।ସଭାରେ ପୁର୍ଣ୍ଣ ଚନ୍ଦ୍ର ଦାସ ସନ୍ତୋଷ ନନ୍ଦ, ପ୍ରଭାତ ନଳିନୀ ସାହୁ ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ ଜିଲ୍ଲା ସଂଯୋଜକପ୍ରଶାନ୍ତ କୁମାର ଭୂଇଁୟା ଧନ୍ୟବାଦ ଅର୍ପଣ କରିଥିଲେକ୍ଷ ର୍ବଶେଷରେ ଅଜିତ କୁମାର ଦାସ ଆସନ୍ତା ଦୀପାବଳୀ ରେ ମାଟି ଦୀପ ବ୍ୟବହାର କରିବା ପାଇଁ ଭାରତ ମାତା ଙ୍କ ଶ୍ରୀଚରଣରେ ଶପଥ ପାଠ କରାଇଥିଲେ ।

# ୨୪ ଘଣ୍ଟାରେ ୪୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

କେନ୍ଦୁଝର,୧୨।୧୧ (ନି.ପ୍ର): ଗତ ୨୪ ଘଟଂା ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ନୂତନ ୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ମଧ୍ୟରେ ସର୍ବାଧିକ ୧୪ ଜଣ ଜିଲ୍ଲାର ଆଦିବାସୀ ବହୁଳ ବଂାଶପାଳ ବ୍ଲକରେ ରେ ରହିଥିବା ବେଳେ କେନ୍ଦୁଝର ଗଡ ମ୍ୟୁନିସପାଲଟିରେ ୬ ଜଣ ରହିଛନ୍ତି । ଏବଂ ଚମ୍ପୁଆ ବ୍ଲକ ଓ ଯୋଡା ମ୍ୟୁନିସପାଲଟି ଅଂଚଳରେ ୫ ଜଣ ଲେଖାଁଏ, ବଡବିଲ ମ୍ୟୁନିସପାଲଟିରେ ୪ ଜଣ, ଯୋଡା ବ୍ଲକରେ ୩ ଜଣ, ହାଟଡିହି ବ୍ଲକ , ଘଷିପୁରା ବ୍ଲକ ଓ ପାଟଣା ବ୍ଲକ ଅଂଚଳରେ ୨ ଜଣ ଲେଖାଁଏ, ହରିଚନ୍ଦନପୁର ବ୍ଲକ, ଆନନ୍ଦପୁର ମ୍ୟୁନିସପାଲଟି, ଝୁମ୍ପୁରା ବ୍ଲକ, କେନ୍ଦୁଝର ସଦର ବ୍ଲକ ଓ ସାହାରପଡା ବ୍ଲକ ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି । ଅନ୍ୟ ପକ୍ଷରେ ବୁଧବାର ଦିନ ନୂତନ ଭାବେ ଚିହ୍ନଟ ଙ୍କ ସବିଶେଷ ତଥ୍ୟନୁଶାରେ ସେମାନଙ୍କ ମଧ୍ୟରେ ଆନନ୍ଦପୁର ମ୍ୟୁନିସପାଲଟି ର ଓ୍ୟାର୍ଡ ନଂ ୭ ରେ ଜଣେ ରହିଥିବା ବେଳେ ବଂାଶପାଳ ବ୍ଲକର ତଳଚମ୍ପେଇ ପଚଂାୟତରେ ୧୪ ଜଣ, ବଡବିଲ ମ୍ୟୁନିସପାଲଟି ର ଓ୍ୟାର୍ଡ ନଂ ୩ ରେ ଜଣେ ଓ ଓ୍ୟାର୍ଡ ନଂ ୧୨ ରେ ୩ ଜଣ, ଚମ୍ପୁଆ ବ୍ଲକର ରଙ୍ଗମାଟିଆ , ଜାଲି ଓ କାଶିପାଳ ପଂଚାୟତ ଅଂଚଳରେ ଜଣେ ଲେଖାଁଏ ଓ ସରେଇ ପଂଚାୟତରେ ୨ ଜଣ, ଘଷିପୁରା ବ୍ଲକର ମରଇେଗାଁ ପଂଚାୟତରେ ୨ ଜଣ, ହରିଚନ୍ଦନପୁର ବ୍ଲକ ର ଟାଙ୍ଗିରପାଳ ପଂଚାୟତରେ ୧ ଜଣ, ହାଟଡିହା ପଂଚାୟତର ସଢା ଏ କାଳିଗାଁ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ, ଝୁମ୍ପୁରା ବ୍ଲକର ବଡନେଉଳି ପଂଚାୟତରେ ୧ ଜଣ, ଯୋଡା ବ୍ଲକର ବଲାଣୀ ପଂଚାୟତ ଅଂଚଳରେ ୨ ଜଣ ଓ ପଲାଶ ପଂଚାୟତ ଅଂଚଳରେ ୧ ଜଣ, ଯୋଡା ମ୍ୟୁନିସପାଲଟିର ଓ୍ୟାର୍ଡ ନଂ ୪ ଓ ଓ୍ୟାର୍ଡ ନଂ ୮ ରେ ୨ ଜଣ ଲେଖାଁଏ ଏବଂ ଓ୍ୟାର୍ଡ ନଂ ୯ ରେ ୧ ଜଣ, କେନ୍ଦୁଝର ଗଡ ମ୍ୟୁନିସପାଲଟିର ଓ୍ୟାର୍ଡ ନଂ ୭ ଏବଂ ଓ୍ୟାର୍ଡ ନଂ ୧୨ ଓ ଓ୍ୟାର୍ଡ ନଂ ୧୩ ରେ ୧ ଜଣ ଲେଖାଁଏ, ପାଟଣା ବ୍ଲକର ମୁସାପୋଖରୀ ପଂଚାୟତରେ ୨ ଜଣ କେନ୍ଦୁଝର ସଦର ବ୍ଲକର ମଣ୍ଡୁଆ ପଂଚାୟତ ଅଂଚଳରେ ୧ ଜଣ , ସାହାରପଡା ବ୍ଲକର ସାହାରପଡା ପଂଚାୟତ ଅଂଚଳରେ ୧ ଜଣ ରହିଛନ୍ତି । ଫଳରେ କେନ୍ଦୁଝର ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୮୭୬ ରେ ପବହଂଚିଥିବା ବେଳେ ଇତି ମଧ୍ୟରେ ଆକ୍ରାନ୍ତ ମଧ୍ୟରୁ ସୁସ୍ଥ ହୋଇ ୬୪୯୩ ଜଣ ଘରକୁ ଫେରିଛନ୍ତି । ଜିଲ୍ଲାରେ ଏବେ ଆକ୍ଟିଭ କେଶ ୩୫୬ ରହିଥିବା ବେଳେ ଗତ ୨୪ ଘଟଂା ମଧ୍ୟରେ ୧୯୩୯ ଜଣଙ୍କର କୋଭିଜ ଟେଷ୍ଟ ହୋଇଛି । କେନ୍ଦୁଝର ଜିଲ୍ଲାରେ ଆକ୍ରାନ୍ତ ଙ୍କ ତୁଳନାରେ ଆରୋଗ୍ୟ ହେବା ସଂଖ୍ୟା ମଧ୍ୟ ବଢୁଥିବା ବେଳେ ଗତ କିଛି ଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା କମିବା ଜିଲ୍ଲା ପାଇଁ ନିଶ୍ଚିତ ଭାବେ ଏକ ଶୁଭ ସୂଚନା ବୋଲି କୁହାଯାଇପାରେ । କିନ୍ତୁ ଜିଲ୍ଲାର ମୁଖ୍ୟାଳୟରେ ଯେଭଳି ଭାବେ ଅଧିକାଂଶ ଲୋକ କରୋନା ମହାମାରୀକୁ ପାଶୋରି ଦେବା ଭଳି ବ୍ୟବହାର କରି ବିନା ମାସ୍କ ରେ ଘୁରି ବୁଲୁଥିବା ସହ ସାମାଜିକ ଦୂରତା ରକ୍ଷା ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟପୁର୍ଣ୍ଣ । ଏପରି କି ସହର ଠାରୁ ଗ୍ରାମାଚଂଳ ପର୍ଯ୍ୟନ୍ତ ରାସ୍ତା କଡରେ ଦହିବରା , ଗୁପଚୁପ ଆଦିର ଠେଲାମାନ ବହୁଳ ଭାବେ ଦେଖିବାକୁ ମିଳିଥିବା ବେଳେ ବିକ୍ରେତାମାନେ ମାସ୍କ ନ ପିନ୍ଧି କିମ୍ବା ହାତରେ ଗ୍ଲୋବସ୍ ନ ପିନ୍ଧି ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ସେମାନଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ସେମାନେ ଗ୍ରାହକ ମାନଙ୍କ କଥା ଶୁଣୁ ନ ଥିବା ଦେଖା ଯାଉଛି । ଜିଲ୍ଲା ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାର ଆବଶ୍ୟକ ରହିଛି ।

# ବ୍ଲୁ ଆଣ୍ଡ୍ ଜନ୍ କ୍ରୋ



ଜାମାଇକା ଅନ୍ତର୍ଗତ ବ୍ଲୁ ଆଣ୍ଡ୍ ଜନ୍ କ୍ରୋ ମାଉଣ୍ଟେନ୍‌କୁ ୨୦୧୫ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଥିଲା । ଜାମାଇକାର ଦକ୍ଷିଣ-ପୂର୍ବାଞ୍ଚଳରେ ଅବସ୍ଥିତ ଏହି ପର୍ବତ ଦ୍ୱୟ ସେଠାକାର ଜାତୀୟ ଉଦ୍ୟାନ । ୨୬,୨୫୨ ହେକ୍ଟର୍ ଅଞ୍ଚଳକୁ ପର୍ବତ ଦୁଇଟି ପରିବ୍ୟାପ୍ତ । ସମୁଦ୍ର ପତ୍ତନଠାରୁ ଉଚ୍ଚତା ୮୫୦ ମିଟର୍‌ରୁ ୨୨୫୬ ମିଟ୍‌ର । ଏହି ଅଞ୍ଚଳ ଏକାଧିକ ପ୍ରଜାତିର ବିରଳ ପ୍ରାଣୀ(ଜାମାଇକାନ୍ ବ୍ଲାକ୍ ବାର୍ଡ, ଜାମଇକାନ୍ ବୋଆ, ଜାମାଇକାନ୍ ହୁତିଆ ଓ ଜାଏଣ୍ଟ୍ ସ୍ୱାଲୋଟେଲ୍ ବଟର୍‌ଫ୍ଲାଏ)ଙ୍କ ବାସସ୍ଥାନ । ବର୍ଷସାରା ସବୁଜିମା ଦେଖିବାକୁ ମିଳିଥାଏ । ଏକଦା ଏହା ଥିଲା ଟାଇନୋଜ୍ ଆଦିମ ଅଧିବାସୀଙ୍କ ନିରାପଦ ଆଶ୍ରୟ ସ୍ଥଳୀ । ସେମାନେ ଜାମାଇକାରେ ଇଉରୋପୀୟ ଉପନିବେଶବାଦକୁ ବିରୋଧ କରିଥିଲେ । ସେମାନଙ୍କୁ ବଳପୂର୍ବକ ଦାସ ବନାଯିବାରୁ, ସେମାନେ ବହୁ ସଂଖ୍ୟାରେ ଏହି ପର୍ବତ-ଶ୍ରେଣୀ ମଧ୍ୟକୁ ପଳାୟନ କରି ସୁରକ୍ଷିତ ହୋଇପାରିଥିଲେ ସେଠାରେ ସେମାନେ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ ପାଉଥିଲେ । ଔଷଧୀୟ ଗୁଳ୍ମ ଦ୍ୱାରା ନିରୋଗ ରହପାରୁଥିଲେ । ବେଶ୍ କିଛି ବର୍ଷ ଇଉରୋପୀୟ ଉପନିବେଶବାଦୀଙ୍କଠାରୁ ସୁରକ୍ଷିତ ରହିବା ପରେ ସେମାନେ କାଳକ୍ରମେ ମୁଖ୍ୟସ୍ରୋତରେ ସାମିଲ ହୋଇଯାଇଥିଲେ ।

# ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ

ସୁନ୍ଦରୀ କରୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିୱେକର୍‌ଙ୍କ ଲୋକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସିଆଲ ସାଇଟ୍ ଜରିଆରେ ସେ ସମସ୍ତ ବର୍ଗର ଲୋକଙ୍କୁ ବରାବର ପରାମର୍ଶ ଦେଇଥାନ୍ତି । ନିକଟରେ ସେ ସକାଳ ଜଳଖିଆର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।

♦ ସକାଳବେଳାର ପ୍ରଥମ ଭୋଜନକକୁ ରାଜାଙ୍କ ପରି କରିବା ଉଚିତ । କାରଣ ପୂରାଦିନ ଏହି ଖାଦ୍ୟ ହିଁ ଆମ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ସ ଓ ମିନେରାଲ୍ସ ଭରପୂର ଜଳଖିଆ ସମସ୍ତ ବର୍ଗର ଲୋକ କରିବା ଜରୁରୀ ।

♦ ପରଟା, ଉପମା, ଚୁଡା ସନ୍ତୁଳା, ଇଡ୍‌ଲି, ଦୋସା ଇତ୍ୟାଦି ଜଳଖିଆ ଭାବେ ଖାଇପାରିବେ । ଖାଲିପେଟରେ ଚା' ଓ କଫି କିମ୍ବା ଫଳରସ ପିଅନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ହେବାର ଭୟ ଥାଏ । ପେଟପୂରା ଜଳଖିଆ ଖାଇବା ପରେ ଆପଣ ଏହି ପାନୀୟ ପିଇପାରିବେ ।

♦ ସକାଳ ଜଳଖିଆ କଲେ ଦିନମାନ ମୁଣ୍ଡବିନ୍ଧା ସମସ୍ୟା ମଧ ହୁଏନାହିଁ । ଯେଉଁଦିନ ଜଳଖିଆରେ ବିଳମ୍ବ କିମ୍ବା କୌଣସି କାରଣରୁ ଆମେ କରିପାରିନଥାଉ, ସେହିଦିନ ହିଁ ବିଭିନ୍ନ ପ୍ରକାର ଶରୀରିକ ଅସୁସ୍ଥତା ଅନୁଭୂତ ହେଉଥିବାର ଅନେକ ସର୍ବେକ୍ଷଣରେ ପ୍ରକାଶ କରିଛନ୍ତି ।

♦ ଜଳଖିଆ ପେଟପୂରା କଲେ ଆମ ସ୍ମୃତିଶକ୍ତି ମଧ ବୃଦ୍ଧି ହୁଏ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ଏଇ ଅଭ୍ୟାସ ପାଳନ କରିବା ଉଚିତ ବୋଲି ରୁଜୁତା କହିଛନ୍ତି ।

♦ କାରୀନା ଦୈନିକ ସକାଳ ଜଳଖିଆରେ ଘିଅ ପରଟା ଖାଇଥାନ୍ତି । ଏହା ସତ୍ତ୍ୱେ ସେ ନିଜକୁ ଫିଟ୍ ରଖିଛନ୍ତି । କାରଣ ଯୋଗ, ପ୍ରାଣାୟମର ଅଭ୍ୟାସ ମଧ ସେ ନିୟମିତ କରିବାରେ ଆଦୌ ହେଳା କରନ୍ତି ନାହିଁ ।



# ଟପ୍ ଷ୍ଟାଇଲ୍

ଝିଅମାନେ ସାଧାରଣତଃ ଫ୍ୟାସନ ହିସାବରେ ଚାଲିବାକୁ ପସନ୍ଦ କରନ୍ତି । ଆଲମାରୀରେ ଡ୍ରେସ ବହୁତ ଥିଲେ ମଧ ବାହାରକୁ ବୁଲିବାକୁ ବା ପାର୍ଟି ଯିବାର ଥିଲେ ସେମାନେ କଣ ପିନ୍ଧିବେ ବୋଲି ଚିନ୍ତାରେ ପଡିଯାଆନ୍ତି । ଏହିପରି ସମସ୍ୟା ଆସୁଥିଲେ ଡ୍ରେସକୁ ନେଇ କେତେକ ଟିପ୍‌ସପୁ ଫଲୋ କରନ୍ତୁ । ଭିନ୍ନ ଭିନ୍ନ ଡିଜାଇନର ଟପ୍ ତ ସବୁ ଝିଅଙ୍କ ପାଖରେ ଥିବ । ତେଣୁ ଆସନ୍ତୁ ଜାଣିବା ଅଲଗା ଅଲଗା ପ୍ରକାରର ଟପ୍‌କୁ ମିକ୍ସ ଏଣ୍ଡ ମ୍ୟାଚ୍ କରି କିପରି ଅଫିସରୁ ପାର୍ଟି ପର୍ଯ୍ୟନ୍ତ ବ୍ୟବହାର କରିପାରିବେ ।





**ର୍‍ୟାପ ଟପ୍:**
ଲମ୍ବା ଗଳା ହେଉଛି ଏହାର ବିଶେଷତା । କିନ୍ତୁ ଆପଣ ଚାହିଁଲେ ଏହାର ଲମ୍ବା ଗଳାକୁ ସୁବିଧା ଅନୁସାରେ କରିପାରିବେ । ଫର୍ମାଲ ଲୁକ୍ ପାଇଁ ର୍‍ୟାପ ଟପ୍‌ର ନେକଲାଇନକୁ ଛୋଟ ରଖନ୍ତୁ । ଏହା ସହିତ ବଡ ଟୋଟ ବ୍ୟାଗ ଓ ଏକ ଫର୍ମାଲ ପ୍ୟାଣ୍ଟ ମ୍ୟାଚ କରି ଷ୍ଟାଇଲିଶ ଫର୍ମାଲ ଲୁକ୍ ପାଇପାରିବେ । ରାତି ପାର୍ଟି ପାଇଁ ଏହି ଟପ୍‌କୁ ମଧ ବ୍ୟବହାର କରିପାରିବେ । ଏହି ଟପ୍ ସହିତ ସ୍କର୍ଟ ବା ଜିନ୍ସ ଓ ଏହା ସହିତ ହାଇହିଲ କ୍ୟାରୀ କରିପାରିବେ ।

**ବଟନ ସାର୍ଟ:**
ଏକ ଫର୍ମାଲ ସାର୍ଟ ମଧ ଆପଣଙ୍କୁ ପାର୍ଟି ଲୁକ୍ ଦେଇପାରିବ । କୌଣସି ଓଭରସାଇଜ ସାର୍ଟକୁ ଆପଣ ଜିନ୍ସ ସହିତ ପିନ୍ଧିପାରିବେ । ଆପଣ ଚାହିଁଲେ ମୁଭି ଡେ ପାଇଁ ସାର୍ଟର କୋଣଗୁଡିକୁ ବାନ୍ଧି କ୍ରପ ଟପ୍ କରିପାରିବେ । ଏହା ସହ ବେଲ୍ଟକୁ ମିଶାଇ ପାର୍ଟିୱିଅର ଡ୍ରେସ ପ୍ରସ୍ତୁତ କରିପାରିବେ ।

**ପେପଲମ ଟପ୍:**
ପେପଲମ ଟପ୍‌କୁ ଆପଣ ଫର୍ମାଲ, କାଜୁଆଲ ଓ ପାର୍ଟିୱିଅର ପାଇଁ ବ୍ୟବହାର କରିପାରିବେ । ପାର୍ଟି ପାଇଁ ଏହି ଟପ୍ ସହିତ ପେନ୍‌ସିଲ ସ୍କର୍ଟ ଆକର୍ଷଣୀୟ ଲୁକ୍ ଦେବ । ଫର୍ମାଲ ଲୁକ୍ ପାଇବା ପାଇଁ ଟାଇଟ୍ ଜିନ୍ସ ଓ ଷ୍ଟିଲିଟୋଜ ବେଷ୍ଟ ରହିବ ।

**ଟର୍ଟଲ ନେକ ଟପ୍:**
ଟର୍ଟଲ ନେକ ଟପ୍‌କୁ ଜିନ୍ସ ସହିତ କାଜୁଆଲ ଲୁକ୍ ଦେଇପାରିବେ । ପାର୍ଟି ଲୁକ୍ ପାଇଁ ଏହି ଟପ୍ ସହିତ ଆକର୍ଷଣ ବେଲ୍‌ଟ କାମରେ ଆସିବ । ଏହି ବେଲ୍‌ଟ ସିମ୍ପଲ ଟପ୍‌କୁ କ୍ଲାସି ଲୁକ୍ ଦେବା ସହିତ ଷ୍ଟାଇଲିଶ ଦେଖାଯିବ ।







# ମେକଅପ୍ ଲୁକ୍

ମେକଅପ୍ ପାଇଁ ସବୁଠାରୁ ଜରୁରୀ ସାମଗ୍ରୀ ହେଲା ଫାଉଣ୍ଡେସନ । ଏହାଦ୍ୱାରା ମେକଅପ୍ ଆରମ୍ଭ କରାଯାଏ । ଯଦି ଫାଉଣ୍ଡେସନର ଶେଡ ଭୂଲ ହୋଇଗଲା ତେବେ ପୂରା ମେକଅପ୍ କରିଥିଲେ ମଧ ଚେହେରାରେ ଚମକ ଆସେନାହିଁ । ଯଦି ଆପଣଙ୍କ ଚେହେରାରେ ସ୍କିନର କଂପ୍ଲେକ୍ସନ ଅପେକ୍ଷା ଗାଢ଼ରଙ୍ଗର ଫାଉଣ୍ଡେସନ ଲଗାଇବେ ଚେହେରା ଶ୍ୟାମଳ ରଙ୍ଗ ଦେଖାଯିବ । ଯଦି ହାଲୁକା ଶେଡ ଲଗାଇବେ ତେବେ ମଧ ଭଲ ଦେଖାଯିବ ନାହିଁ । ପରଫେକ୍ଟ ମେକଅପ୍ ପାଇଁ ସଠିକ୍ ଶେଡର ଫାଉଣ୍ଡେସନ୍ କିଣିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ ।

■ ଫାଉଣ୍ଡେସନ କିଣିବା ସମୟରେ ଆପଣଙ୍କ ସ୍କିନ ଟାଇପ୍‌କୁ ଧ୍ୟାନରେ ରଖନ୍ତୁ । ଆଜିକାଲି ସ୍କିନ୍ ଟାଇପ୍ ଶେଡ ପାଇଁ ଅଲଗା ଅଲଗା ଫାଉଣ୍ଡେସନ ମିଳୁଛି । ତୈଳୀୟ ସ୍କିନ୍, ନର୍ମାଲ ବା ଡ୍ରାଏ ସ୍କିନ ପାଇଁ ଅଲଗା ଫାଉଣ୍ଡେସନ ଆସୁଛି । ଏହା ବ୍ୟତୀତ ପେଗୁମେଣ୍ଟେଡ ସ୍କିନ, ଆସମାନ ସ୍କିନ ଓ ଲାଲ ଦାଗ ଥିବା ସ୍କିନ ପାଇଁ ମଧ ଅଲଗା ଫାଉଣ୍ଡେସନ ଆସୁଛି ।

■ ନିଜର ସ୍କିନର ରଙ୍ଗ ଅନୁସାରେ ଫାଉଣ୍ଡେସନ କିଣିବା ଏକ ଚ୍ୟାଲେଞ୍ଜ । ତେଣୁ ଖୋଲାଥିବା ସ୍ଥାନରେ ସ୍କିନ ସହିତ ମ୍ୟାଚ କରି ଫାଉଣ୍ଡେସନ କିଣିବା ଉଚିତ । ଯଦି ସ୍କିନକୁ ନେଇ ନିଶ୍ଚିତ ହୋଇପାରୁ ନାହାଁନ୍ତି ତେବେ ନାଚୁରାଲ ଅଣ୍ଡରଟୋନର ଫାଉଣ୍ଡେସନ କିଣନ୍ତୁ ।

■ ପ୍ରତ୍ୟେକଦିନ ଫାଉଣ୍ଡେସନ ବ୍ୟବହାର କରୁଥିବା ଅଧିକାଂଶ ଲୋକ ହାଲୁକା କଭରେଜ ଚାହାଁନ୍ତି ଓ ଏହା ସ୍କିନ୍‌କୁ ନାଚୁରାଲ ଲୁକ୍ ଦେବ । ନାଇଟ୍ ପାର୍ଟି ପାଇଁ ଫୁଲ କଭରେଜ ଠିକ୍ ରହିବ ଓ ଏହାଦ୍ୱାରା ଅଧିକ ମେକଅପ୍ ଥିବାର ଜଣାପଡିବ । ତେଣୁ ଫାଉଣ୍ଡେସନ ପସନ୍ଦ କରିବା ସମୟରେ କେଉଁ ସମୟରେ ଲଗାଇବେ ତାହା ମଧ ସ୍ଥିର କରି କିଣନ୍ତୁ ।

■ କୌଣସି ନୂଆ ଉତ୍ପାଦକର ବ୍ୟବହାର କରିବା ପୂର୍ବରୁ ଏକ ସାଧାରଣ ଟେଷ୍ଟ କରିନେବା ଉଚିତ । ଆଜିକାଲି ପ୍ରତ୍ୟେକ କମ୍ପାନୀ ପ୍ୟାଚ ଟେଷ୍ଟର ସୁବିଧା ଦେଉଛି । ଏହାଦ୍ୱାରା ଆପଣ ଜାଣିପାରିବେ ଯେଉଁ ପ୍ରଡକ୍ଟ ଆପଣ କିଣୁଛନ୍ତି ତାହା ଆପଣଙ୍କୁ ସୁଟ କରୁଛି କି ନାହିଁ ।





## ସ୍ୱାସ୍ଥ୍ୟ ମନ୍ତ୍ର

ଏକାଧିକ ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ସୋୟାବିନ୍ ସମୃଦ୍ଧ। ଭିଟାମିନ୍ ସି, କେ, ବି୬, ଲୌହସାର, କାଲସିୟମ୍, ଏଣ୍ଟିଅକ୍ସିଡାଣ୍ଟ ଭଳି ଉପାଦାନ ଏଥିରେ ରହିଛି । ମାଂସ ଓ କ୍ଷୀରଜାତ ସାମଗ୍ରୀର ବିକଳ୍ପ ଭାବେ ସ୍ୱାସ୍ଥ୍ୟ ଗବେଷକମାନେ ଏହାକୁ ଗ୍ରହଣ କରିଛନ୍ତି । ଏହାର କ୍ଷୁଧା ନିବାରଣ ଗୁଣ ଅତ୍ୟଧିକ ଖାଇବା ଲୋଭକୁ କମାଇଦିଏ, ଯାହା ଦ୍ୱାରା ଶରୀରରେ ଚର୍ବି ବଢ଼େ ନାହିଁ ଏବଂ କ୍ଷତିକାରକ କୋଲେଷ୍ଟରଲ୍ ବାହାର କରିଦେବାରେ ସହାୟକ ହୁଏ । ଫଳରେ ମଧୁମେହ, ହୃଦ୍‌ରୋଗ, ଷ୍ଟ୍ରୋକ୍ ସମସ୍ୟା ହୁଏ ନାହିଁ । ନିୟମିତ ସୋୟାବିନ୍ ଖାଇବା ଦ୍ୱାରା ହଜମ ଶକ୍ତି ବଢ଼େ । ଏହା କର୍କଟ ପ୍ରତିରୋଧୀ । ପାକସ୍ଥଳୀ, ଅନ୍ତ୍ର କର୍କଟରୁ ସୋୟାବିନ୍ ସୁରକ୍ଷା ଦିଏ । ଏହା ମାଂସପେଶୀ ଓ ଅସ୍ଥିକ ମଜଭୁତ ରଖେ । ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟକୁ ଠିକ୍ ରଖେ । ଇଷ୍ଟ୍ରୋଜେନ୍ ମାତ୍ରାକୁ ସମତୁଳ ରଖିବାର ଗୁଣ ଏଥିରେ ରହିଛି । ଏଣୁ, ଋତୁବିରତି ପରେ ମହିଳାମାନେ ଏହାକୁ ଖାଇଲେ ଅଧିକ ସୁଫଳ ମିଳେ । ଗର୍ଭସ୍ଥ ସନ୍ତାନର ପୂର୍ଣ୍ଣ ବିକାଶରେ ସୋୟାବିନ୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏଥିରେ ଥିବା ମାଗ୍ନେସିୟମ୍ ନିଦ୍ରାହୀନତାରୁ ରକ୍ଷା କରେ ।

# ମଶା ଉପଦ୍ରବରୁ ରକ୍ଷା ପାଇବାର ଘରୋଇ ଉପଚାର

ଋତୁ ପରିବର୍ତ୍ତନ ସମୟରେ ମଶାଙ୍କ ଉପଦ୍ରବ୍ୟ ବଢି ଯାଇଥାଏ । ମଶା କାମୁଡିବା ଦ୍ୱାରା କୁଣ୍ଡେଇ ହେବା ସହ ତ୍ୱଚା ଲାଲ୍ ପଡିବା ଭଳି ଲକ୍ଷଣ ଦେଖିବାକୁ ମିଳେ । ଏହା ଦ୍ୱାରା ଡେଙ୍ଗୁ ଏବଂ ଚିକନଗୁନିୟା ଭଳି ରୋଗ ହେବାର ସମ୍ଭାବନା ରହିଥାଏ । ଯଦି ମଶା ଉପଦ୍ରବରୁ ରକ୍ଷା ପାଇବାକୁ ଚାହୁଁଛନ୍ତି, ତେବେ ଏହି ଘରୋଇ ଉପଚାର ଆପଣାଇ ପାରିବେ । ଏହି ଉପଚାରଗୁଡିକ ଆପଣଙ୍କ ହାତ ପାଆନ୍ତାରେ ଅତି ସହଜରେ ମିଳିପାରିବ ।

**ରସୁଣ:** ରସୁଣର କଡା ଗନ୍ଧରେ ମଶା ପାଖ ମାଡନ୍ତି ନାହିଁ । ରସୁଣକୁ ଛୋଟ ଛୋଟ କରି କାଟି ପାଣିରେ ଫୁଟାଇ ଦିଅନ୍ତୁ । ପରେ ଏହି ପାଣିକୁ ଘର ସାରା ଛିଞ୍ଚିଦିଅନ୍ତୁ ।

**ଲେମ୍ବୁ:** ନଡିଆ ତେଲରେ ଲେମ୍ବୁ ରସ ମିଶାଇ ଶରୀରରେ ମାଲିସ କରନ୍ତୁ । ଏହା ଦ୍ୱାରା ମଶା କାମୁଡାରୁ ରକ୍ଷା ପାଇ ପାରିବେ । ଲେମ୍ବୁକୁ ଅଧା କାଟି ତାହା ଉପରେ ଲବଙ୍ଗ ରଖିଲେ ମଶା ଘରେ ହେବେ ନାହିଁ ।

**କର୍ପୂର:** ମଶା ଉପଦ୍ରବର ମୁକ୍ତି ପାଇଁ ଆପଣ କର୍ପୂର ବ୍ୟବହାର କରି ପାରିବେ । ଘରେ କର୍ପୂର ଜଳାଇ ରଖିବା ଦ୍ୱାରା ମଶା ଆସିବେ ନାହିଁ । କର୍ପୂରର ଗନ୍ଧକୁ ମଶାମାନେ ସହ୍ୟ କରିପାରନ୍ତି ନାହିଁ ।

**ଲିମ୍ବ:** ଲିମ୍ବ ବ୍ୟବହାର କରି ମଶାକୁ ଦୂର କରାଯାଇପାରିବ । ନଡିଆ ତେଲରେ ଲିମ୍ବ ପତ୍ର ମିଶାଇ ଶରୀରରେ ମାଲିସ କରିବା ଦ୍ୱାରା ମଶା କାମୁଡିବାରୁ ମୁକ୍ତି ମିଳେ ।

**ତୁଳସୀ:** ତୁଳସୀ ପତ୍ର ଘରେ ରଖିବା ଦ୍ୱାରା ମଶା ଘରକୁ ଆସନ୍ତି ନାହିଁ ।

**ପୁଦିନା:** ଗନ୍ଧରେ ମଶା ଘରେ ରହେ ନାହିଁ ।



# ଅନେକ ରୋଗର ମହୌଷଧୀ ଏହି ଗଛର ପତ୍ର




କଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ । ଯାହା ଦ୍ୱାରା କୌଣସି ସୂକ୍ଷ୍ମଜୀବ ସଂକ୍ରମଣରୁ ଶରୀରକୁ ରକ୍ଷା କରାଯାଇପାରିବ । ତେନ୍ତୁଳି ପତ୍ରରୁ ରସ ବାହାର କରି ଘା ରେ ଲଗାଇବା ଦ୍ୱାରା ତାହା ଶୀଘ୍ର ଶୁଖି ଯାଇ ନୂଆ କୋଷିକା ମଧ ପ୍ରସ୍ତୁତ କରିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣତଃ ଦାନ୍ତମାଢି ଓ ନଖ ଦୁର୍ବଳ ହେବା ସହ ଥକ୍କାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟି-ସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ । ଶରୀରରେ ଆଣ୍ଠୁଗଣ୍ଠି ଓ ପାଦ ଫୁଲିବା ଭଳି ସମସ୍ୟା ଦେଖା ଦେଲେ, ତେନ୍ତୁଳି ପତ୍ରର ରସକୁ ବ୍ୟବହାର କରି ଏହାକୁ ଦୂର କରି ପାରିବେ । ଏହା ପ୍ରଭାବକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏଥିରେ ଅମୃତ ଭଣ୍ଡା, ଲୁଣ ଓ ପାଣି ମିଶାଇ ପାରିବେ, କିନ୍ତୁ ଧ୍ୟାନ ରଖିବେ ଯେ, ଲୁଣର ମାତ୍ରା ଯେପରି କମ୍ ରୁହେ ।

# ବ୍ରାହ୍ମୀ ତେଲ

ଆପଣ କଳା ଘନକାୟ କେଶ ଚାହୁଁଛନ୍ତି, ଆଉ ଆପଣ ତାହା ପାଇପାରୁ ନାହାଁନ୍ତି କି ? ତେବେ ଏନେଇ ଆଉ ଚିନ୍ତା କରନ୍ତୁ ନାହିଁ । ଘରୋଇ ଉପଚାର ଦ୍ୱାରା ଆପଣ ପାଇପାରିବେ ଘନ, କଳା ଓ ଲମ୍ବ କେଶ ତେବେ ଆସନ୍ତୁ ଜାଣିବା କଣ କଲେ ଆପଣ ପାଇପାରିବେ ଏଭଳି କେଶ... ବ୍ରାହ୍ମୀପତ୍ରରୁ ରସ ପ୍ରସ୍ତୁତ କରିସେଥିରେ ରସ ପରିମାଣର ଶୁଦ୍ଧ ରାଶି ତେଲ । ମିଶାଇଦେବେ । ମିଶ୍ରଣକୁ ଚୁଲାରେ ଧିମା ଆଞ୍ଚରେ କିଛି ସମୟ ବସାଇ ଦେବେ, କିଛି ସମୟ ପରେ ମିଶ୍ରଣ ଫୁଟିବାକୁ ଲାଗିବ ଓ ଏହାର ପରିମାଣ କମିଯିବ ତା ପରେ ଏହାକୁ ଚୁଲାରୁ କାଢ଼ି ଦେବେ । ଏହି ମିଶ୍ରତ ତେଲ ଥଣ୍ଡା ହୋଇଗଲେ ତାକୁ ଏକ କାଚ ଶିଶିରେ ରଖିବେ । ପ୍ରସ୍ତୁତ ଏହି ତେଲକୁ ପ୍ରତିଦିନ ମୁଣ୍ଡରେ ଲଗାଇବା ଦ୍ୱାରା ଆପଣଙ୍କ କେଶ ଘନ, କଳା, ଲମ୍ବା ହୋଇଯିବା ସହ ଆପଣଙ୍କ ମୁଣ୍ଡର ସୁନ୍ଦରତା ବୃଦ୍ଧି ମଧ ପାଇଥାଏ । ଏହା ଛଡ଼ା ଆପଣଙ୍କ ଜ୍ଞାନାକ୍ତିକୁ ମଧ ପ୍ରଖର କରିଥାଏ ବ୍ରାହ୍ମୀ ତେଲ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧୩ ନଭେମ୍ବର ୨୦୨୦, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମୌଳିକ ସ୍ୱାଧୀନତା...

ବୁଧବାର ସର୍ବୋଚ୍ଚ ନ୍ୟାୟାଳୟ ରିପବ୍ଲିକ୍ ଟିଭିର ମୁଖ୍ୟ ସଂପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରି ତାଙ୍କ ରାୟରେ ଏଭଳି କେତେକ ପ୍ରସଙ୍ଗ ଉଠାଇଛନ୍ତି, ଯାହା ଖୁବ୍ ମହତ୍ତ୍ୱପୂର୍ଣ୍ଣ । ସୂଚନାଯୋଗ୍ୟ ଯେ ଇଣ୍ଟେରିୟର୍ ଡିଜାଇନର୍ ଅନ୍ୱୟ ନାଏକ ଓ ତାଙ୍କ ମାଆଙ୍କ ଆତ୍ମହତ୍ୟା ମାମଲାରେ ଅନ୍ୟ ଦୁଇ ଜଣଙ୍କ ସମେତ ଶ୍ରୀ ଗୋସ୍ୱାମୀ ବର୍ତ୍ତମାନ ଜେଲ୍‌ରେ ଅଛନ୍ତି । ତାଙ୍କୁ ବମ୍ବେ ହାଇକୋର୍ଟ ଅନ୍ତରୀଣ ଜାମିନ୍ ପ୍ରଦାନ ପାଇଁ ମନା କରିଦେବା ପରେ ସେ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟ ମୂର୍ତ୍ତି ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଇନ୍ଦିରା ବାନାର୍ଜୀଙ୍କ ପୀଠ ମାମଲାର ତ୍ୱରିତ ଶୁଣାଣି କରି ମହାରାଷ୍ଟ୍ର ସରକାରଙ୍କ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ୟକ୍ତିଗତ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଥିବା ଏପରି ମାମଲାରେ ଆଜି ଯଦି ହସ୍ତକ୍ଷେପ କରିବେ ନାହିଁ, ତେବେ ଆମେ ବ୍ୟକ୍ତିଗତ ସ୍ୱାଧୀନତା ଧୂଳିସାତ୍ ହେବା ରାସ୍ତାରେ ଯାଉଛୁ ବୋଲି ବିଚାରକୁ ହେବ । ନ୍ୟାୟମୂର୍ତ୍ତି ଚନ୍ଦ୍ରଚୂଡ଼ ଆହୁରି ମଧ କହିଛନ୍ତି ଯେ ଭାରତର ଗଣତନ୍ତ୍ର ଅସାଧାରଣ ଭାବେ ସ୍ଥିତିସ୍ଥାପକ ଏବଂ ମହାରାଷ୍ଟ୍ର ସରକାର ଟିଭିରେ ଦିଆଯାଉଥିବା ଅପମାନଜନକ ମନ୍ତବ୍ୟକୁ ଆଡ଼େଇ ଯିବା ଉଚିତ ।

ଅର୍ଣ୍ଣବଙ୍କ ପକ୍ଷରୁ ମମଲା ଲଢୁଥିବା ଓକିଲଗଣ ସମ୍ଭବତଃ ନିଜ ଯୁକ୍ତିରେ ଅଦାଲତକୁ ବୁଝାଇବାରେ ସଫଳ ହୋଇଛନ୍ତି ଯେ ତାଙ୍କ ମହକିଲଙ୍କୁ ରାଜ୍ୟ ସରକାର ଅଯଥାରେ ହଇରାଣ ହରକତ କରିବା ପାଇଁ ଗିରଫ କରିଛନ୍ତି ଏବଂ ତାଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଇଛି । ଏହା ସତ୍ୟ ଯେ ପ୍ରତ୍ୟହ ନିଜର ପ୍ରାଇମ୍ ଟାଇମ୍ ଶୋ’ରେ ଶ୍ରୀ ଗୋସ୍ୱାମୀ ମହାରାଷ୍ଟ୍ର ସରକାର ଓ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଯେପରି ଶ୍ରୁତିକଟୁ ମନ୍ତବ୍ୟ ଦେଉଥିଲେ, ତାହା ସେମାନଙ୍କୁ କ୍ଷୁବ୍ଧ କରିଥିବ । ତା’ ପରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁରୁଣା ମାମଲା ଖୋଜି ଗିରଫ କରାଯାଇଥିବ । ଘଟଣାକ୍ରମରୁ ଏହା ଉଦ୍ଦେଶ୍ୟମୂଳକ ମନେହୁଏ । ଯଦି ସେପରି ହୋଇଥାଏ, ତେବେ ଏହା ନିଶ୍ଚିତ ନିନ୍ଦନୀୟ; କିନ୍ତୁ ଗୋଟିଏ କଥା ମଧ ମନେରଖିବା ଆବଶ୍ୟକ ଯେ ଏକ ଜାତୀୟ ଗଣମାଧ୍ୟମରେ ବିନା ତଥ୍ୟପ୍ରମାଣରେ କାହାକୁ ବ୍ୟକ୍ତିଗତ ଭାବେ ଅପମାନିତ କରିବା ଭଳି ଭାଷା କହିବା, ତିରସ୍କାର କରିବା ବା କୌଣସି ସ୍ୱାର୍ଥ ହାସଲ ପାଇଁ ଘୃଣାଯୁକ୍ତ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ । ଅଦାଲତ ଚେତାଇ ଦେବାପରି ଏହାଦ୍ୱାରା ମଧ ଅନ୍ୟର ବ୍ୟକ୍ତିଗତ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉନାହିଁ କି ? ଶ୍ରୀ ଗୋସ୍ୱାମୀ ଏକ ନିର୍ଦ୍ଦିଷ୍ଟ ଆଦର୍ଶରେ ବିଶ୍ୱାସୀ ଏବଂ ତଦନୁରୂପ କାର୍ଯ୍ୟ କରୁଥିବା ନେଇ ଲୋକଙ୍କ ଭିତରେ ଯେଉଁ ଧାରଣା ଜନ୍ମିଛି, ତାହା ମଧ ଅମୂଳକ ନୁହେଁ । ତାହା ତାଙ୍କର ବ୍ୟକ୍ତିଗତ ବ୍ୟାପାର ଭିତରେ ସୀମିତ ରହିଲେ ସମସ୍ୟା ନାହିଁ; କିନ୍ତୁ ତାକୁ ଯେତେବେଳେ ଅନ୍ୟମାନଙ୍କ ସହ, ସମଗ୍ର ଦେଶ ସହ ଯୋଡ଼ି ଏକ ଗଣମାଧମରେ ଅତି ଆକ୍ରମଣାତ୍ମକ ଶୈଳୀରେ ଉପସ୍ଥାପନ କରାଯାଏ, ସମାଜ ଉପରେ ତା’ର ନକାରାତ୍ମକ ପ୍ରଭାବ ପଡ଼ିବା ସ୍ୱାଭାବିକ । ନିଜପାଇଁ ଥିବା ଲକ୍ଷ୍ମଣରେଖାକୁ ଅତିକ୍ରମ କରିବା କାହାପାଇଁ ମଧ ମଙ୍ଗଳକର ନୁହେଁ ।

ଆମ ଦେଶରେ ସରକାର (ରାଜ୍ୟ ଓ କେନ୍ଦ୍ର) ବ୍ୟକ୍ତିଗତ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କଲା ଭଳି ବହୁ ଘଟଣା ପ୍ରାୟ ଦେଖିବାକୁ ମିଳିଥାଏ । ଭିନ୍ନମତ ଦେଉଥିବା, ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ସଚେତନ ନାଗରିକମାନଙ୍କୁ ମିଥ୍ୟା ମାମଲାରେ ଗିରଫ କରି ଜେଲ୍‌ରେ ପୂରାଇବା ଗତ କିଛିବର୍ଷ ଭିତରେ ଏକ ସାଧାରଣ କଥା ପାଲଟିଛି । ସେମାନଙ୍କ ପାଇଁ ସାମ୍ବିଧାନିକ ସୁରକ୍ଷା କବଚ ଯେପରି କାମ କରିବା କଥା ତାହା କରୁନାହିଁ । ଏହା ହିଁ ବଡ଼ ବିଡ଼ମ୍ବନା ।

ଅର୍ଣ୍ଣବ ମାମଲାରେ ସୁପ୍ରିମକୋର୍ଟ ବାର୍ ଆସୋସିଏସନର ସଭାପତି ଦୁଷ୍ମନ୍ତ ଦଭେ ସୁପ୍ରିମକୋର୍ଟର ସେକ୍ରେଟାରୀ ଜେନେରାଲଙ୍କୁ ପତ୍ର ଲେଖି ଯେଉଁ ପ୍ରଶ୍ନ ଉଠାଇଛନ୍ତି, ତାହା ମଧ ଆଲୋଚନାଯୋଗ୍ୟ । ମୋଟାମୋଟି ଭାବେ ତାଙ୍କ ଆପତ୍ତି ହେଲା, ଅର୍ଣ୍ଣବ ଆବେଦନ କରୁକରୁ ତାଙ୍କ ମାମଲାର ତ୍ୱରିତ ଶୁଣାଣି ପାଇଁ ତାରିଖ ମିଳିଯାଉଛି (ପୂର୍ବରୁ ମଧ ଏହାର ଉଦାହରଣ ରହିଛି); କିନ୍ତୁ ହଜାର ହଜାର ଲୋକଙ୍କ ଆବେଦନ ସେପଟେ ଦୀର୍ଘ ଦିନ ଧରି ପଡ଼ିରହୁଛି । ତାଙ୍କ ଅଭିଯୋଗକୁ ଏଇଥିପାଇଁ ଅମୂଳକ ବୋଲି କହିହେବ ନାହିଁ ଯେ ଅଦାଲତର ଶୁଣାଣିରୁ ଦୀର୍ଘଦିନ ଧରି ବଞ୍ଚିତ ହେବ । ଫଳରେ ନିର୍ଦ୍ଦୋଷ ଓ ନିରପରାଧ ଲୋକେ ମଧ କାରାଗାରରେ ଦୁଃସ୍ଥ ଜୀବନ କାଟିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି । ବାଛିବାଛି କିଛି ଲୋକଙ୍କ ଶୁଣାଣି ତାଲିକା (ସିଲେକ୍ଟିଭ୍ ଲିଷ୍ଟିଂ) ତିଆରି କରିବା ଫଳରେ ଅତି ଜରୁରୀ ମାମଲାଗୁଡ଼ିକର ଶୁଣାଣି ମଧ ଉପେକ୍ଷିତ ହେଉଛି, ଯାହା ପ୍ରାଶାସନିକ କ୍ଷମତାର ଦୁରୁପଯୋଗ ବୋଲି ଶ୍ରୀ ଦଭେ ଦର୍ଶାଇଛନ୍ତି । କହିବା ବାହୁଲ୍ୟ, ବିଚାର ବିଭାଗରେ କୌଣସି ପ୍ରକାରର ପାତରଅନ୍ତର ଜନସାଧାରଣଙ୍କ ମନରେ ଅବିଶ୍ୱାସ ଭାବ ସୃଷ୍ଟି କରିବ । ଏହା ସମସ୍ତଙ୍କ ପାଇଁ ସମାନ ହେବା ବାଞ୍ଛନୀୟ ।

କବିତା କୋଣାର୍କ

## ମୋ ପ୍ରିୟା ପ୍ରେୟସୀ...

ଧୀରେନ୍ଦ୍ର ମଲ୍ଲିକ

ମୋ ପ୍ରିୟା ରାଣୀ ଭାରି ଲାଜେଇ
ପରିଠୁ ସୁନ୍ଦର ହେଲେ ସଜେଇ,
ରୂପ ତାର ଅଟେ ଲାବଣ୍ୟବତୀ
ହସରୁ ତାହାର ଝରୁଛି ମୋତି,
ଭାରି ଶାନ୍ତ ସିଏ ସରଳ ଝିଅ
ତାଆ ପରି ଆଉ କେହିତ ନୁହଁ,
ରୂପା ପାଉଁଜିକୁ ନାଲି ଅଳତା
ବ୍ୟବହାର ତାର ସଞ୍ଜ ସଳିତା,
ମନ ତାର ଅଟେ ସ୍ୱଚ୍ଛ ନିର୍ମଳ
ହୃଦୟଟି ପବିତ୍ର ଗଙ୍ଗା ଜଳ,
ଛୋଟପିଲାକୁ ବେଶୀ ପାଏ ସେ ଭଲ
ବହୁ ଆଦରରେ କରଇ ଗେଲ,
ଘରକରଣାରେ ସେ ଧୁରନ୍ଧର
ତନୁପରି ତାର ମନ ସୁନ୍ଦର,
ବାପା ମାଆଙ୍କର ସେ ଅଲିଅଳି
ରାଗ ଛଳ ହିଂସା ନାହିଁତ କଳି,
ଆଉ ଗୋଟେ କଥା ଯାଇଛି ଭୁଲି
ଅଛି ତାର ପ୍ରିୟ ସାଙ୍ଗଟେ ବୋଲି,
ଫୁଲସମ ଦିଶେ ନାଆଁଟି ଲିଲି
ଭାରି ଧିରନମ୍ର ନୁହେଁ ଚଗଲି,
ଦୁହିଁଙ୍କ ଭିତରେ ନିବିଡ଼ ସ୍ନେହ
କେହିବି କାହାଠୁ କଅମ ନୁହଁ,
ଯୁଆଡ଼େ ଯାଆନ୍ତି ଏକାଠି ହୋଇ
ପାରନ୍ତିନି କେବେ ଅଲଗା ରହି,
ଦୁଇଟି ଶରୀର ଗୋଟିଏ ମନ
ଜଣେ ଜହ୍ନ ହେଲେ ଜଣେ ତା ଚିହ୍ନ,

+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# ବନ୍ଧୁତାରେ ଅକୁହା କଥା

ଇଂ ଶୁଭାଶିଷ ସୌଭାଗ୍ୟ ଶେଖର ସ୍ୱାଇଁ



ବନ୍ଧୁତା ଆଜି ଖାସ କରି ସାମାଜିକ ଗଣମାଧ୍ୟମରେ ବେଶୀ ଦେଖିବାକୁ ମିଳେ । ବନ୍ଧୁତାର ପରିଭାଷା ଗଭୀରତାରୁ ନୁହେଁ ବନ୍ଧୁଙ୍କ ପରିସଂଖ୍ୟାନରୁ ଅନୁମାନ କରାଯାଏ ! ସତ କହିଲେ ବନ୍ଧୁତା ନିର୍ଭର କରେ ପରସ୍ପର ନିର୍ଭରତା ଉପରେ । ଯେତେଦିନ ପର୍ଯ୍ୟନ୍ତ ଆବଶ୍ୟକତା ମନେ ହୁଏ ସେତେଦିନ ତିଷ୍ଠି ରୁହେ ବନ୍ଧୁତା । କେତେବେଳେ କେଉଁଠି କାହା ସାଥୀରେ ବନ୍ଧୁତା ହୋଇଯାଏ ଜଣା ନଥାଏ; କିନ୍ତୁ ବନ୍ଧୁତା ଦିବସ ପାଳନ ଭିତରେ ବନ୍ଧୁତାକୁ ବର୍ଷେ ପୂରିଲେ ବାର୍ଷିକଉତ୍ସବ ମନାଇବାର ଦେଖିବାକୁ ମିଳେ । ଏହା ଭିତରେ କେତେ ଯେ ବନ୍ଧୁତା ଏକ୍ସପାରୀ ହୋଇଯାଏ ବ୍ୟସ୍ତବହୁଳ ଜୀବନରେ ମନେ ରଖିପାରି ନଥାନ୍ତି । ଅତୀତକୁ ସ୍ମୃତିରେ ରଖିବାକୁ ଚେଷ୍ଟା ସୂକ୍ଷ୍ମ ମସ୍ତିଷ୍କକୁ ଆଉ ଜୋର ଦେଉ ନାହାନ୍ତି । ତାହା ବି ଆଉ ରୋମାଞ୍ଚକାର ଅନୁଭୂତି ଦେଉ ନାହିଁ କହିଲେ ଚଳେ । ତେଣୁ ଗରିବ ସୁଦାମା ଓ ଦ୍ୱାରିକା ରାଜା କୃଷ୍ଣଙ୍କର ବନ୍ଧୁତାର କାହାଣୀ କମ ଦେଖିବାକୁ ମିଳେ । ପ୍ରତିଶୋଧ ଓ ସ୍ୱାର୍ଥରେ ହିଁ ସର୍ବସ୍ୱ ବନ୍ଧା ଏ ସଂସାର । ଯେତିକି ଅତୁଟ ବନ୍ଧୁତାର କାହାଣୀ ଶୁଣିବାକୁ ମିଳେ ତାଠାରୁ କାହିଁ କେତେଗୁଣ ଅଧିକ ଶତ୍ରୁତାର ଉପାଖ୍ୟାନ ଦେଖିବାକୁ ମିଳେ । ଏହା ବେଶୀ ଗଣମାଧ୍ୟମଠାରୁ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟେ ।

ହାଟର ସଉଦା ପରି ବନ୍ଧୁତାର ମୂଳଚାଲରେ ବିଶ୍ୱାସ ତୁଟି ଯାଏ ପରସ୍ପର ପ୍ରତି । ଆବ୍ରାହମ ଲିଙ୍କନଙ୍କ ମତରେ- କାହାକୁ ବିଶ୍ୱାସ ନ କରିବା ବିପଦଜନକ । କିନ୍ତୁ ସମସ୍ତଙ୍କୁ ବିଶ୍ୱାସ କରିବା ତାଠାରୁ ବେଶୀ ଭୟାନକ । କଷ୍ଟହୁଏ ବାଛିବାକୁ ସେ ସୀମିତ ବିଶ୍ୱସ୍ତଙ୍କୁ । ତେଣୁ ବିଶ୍ୱାସ କଦାପି ଏକ ପାଖିଆ ହୋଇ ପାରିବ ନାହିଁ, ହେଲେ ବେଶୀ ଦିନ ତିଷ୍ଠିବ ନାହିଁ । ଆଉ ଥରେ ବିଶ୍ୱାସ ତୁଟିଲେ ବନ୍ଧୁତା ଉପରେ ଭରସା କରିବାକୁ ଶହେଥର ଚିନ୍ତା କରିବାକୁ ପଡିବ । ତେଣୁ ଆଜି ଆମେ ବନ୍ଧୁତାକୁ ବସ୍ତୁବାଦୀ କରିଦେଇଛୁ । ଯେପରି ଏବେ ମୋବାଇଲ ପ୍ରାୟ ସମସ୍ତଙ୍କର ଉତ୍ତମ ବନ୍ଧୁ । କିଏ ପୁଣି ମୋଟରସାଇକେଲ ସଙ୍ଗେ ସମୟ କାଟେ ତ କିଏ ପୁଣି କାର ସହିତ । ଇଏ ବି ଏକ ବନ୍ଧୁତା । କାହାର ପୋଷା କୁକୁର, ବିଲେଇ, ଗାଈ, ବୃକ୍ଷ, ବିଭିନ୍ନ ପଶୁ ଓ ପକ୍ଷୀ ସଙ୍ଗେ ବନ୍ଧୁତା କରୁଥିବାର ଦେଖିବାକୁ ମଳେ । ଏହି ବନ୍ଧୁତାରେ ଦେଖାଯାଇଛି ବିଶ୍ୱାସ ତୁଟିବାର ଆଶା ବହୁତ କମ । ସମୟାନୁସାରେ ଏଠି ମନୁଷ୍ୟ ନିଜ ଇଚ୍ଛା ମୁତାବକ ବନ୍ଧୁତା ରଖେ । ଅଭିଯୋଗ, ପ୍ରତାରଣା, କଳି, ଝଗଡା, ଆରୋପ, ପ୍ରତ୍ୟାରୋପ ଏଠି କମ ବା ନଥାଏ ।

ତାହେଲେ ସମ୍ବେଦନଶୀଳ ମଣିଷର ହୃଦୟ ଦିନକୁ ଦିନ କଠୋର ହୋଇଯିବାର କାରଣ କଣ ? ଅର୍ଥ ସର୍ବସ୍ୱ ହିଁ ଏହାର ମୂଳ କାରଣ । ତେଣୁ ଅର୍ଥ ପଛରେ କେହି କାହା ପାଇଁ ସମୟ ଦେବାକୁ ପ୍ରସ୍ତୁତ ନୁହଁନ୍ତି । ଏ କଥା ବି ସତ ଯେ ଆମେ ଅର୍ଥ ଦେଇ ବନ୍ଧୁତା କିଣି ପାରିବା ନାହିଁ । ଅଭାବ, ଅସୁବିଧା, ଦୁଃଖ, ସୁଖ ବାଣ୍ଟିବାକୁ ଆଜି ପାଉ ନାହୁଁ ନା ଅତ୍ୟାବଶ୍ୟକ ମନେ କରୁ ନାହୁଁ ? ଅନ୍ୟ କାହାର ସୁବିଧା ଅସୁବିଧାରେ ଯାଇ ଛିଡା ହେବାକୁ ବି ଗୁରୁତ୍ୱ ଦେଉ ନାହାନ୍ତି । ଏକଲାପଣ ଓ ନିବୁଜ କୋଠରୀରେ ବନ୍ଦୀ ହେବାକୁ ଅଭ୍ୟାସରେ ପରିଣତ କରିଛୁ ବା ଶହେ କୋଷ ଦୂରତାରେ ଇଣ୍ଟରନେଟ ମାଧ୍ୟମରେ ବନ୍ଧୁତା ସୃଷ୍ଟି କରୁଛୁ କିନ୍ତୁ ପଡିଶାଙ୍କୁ ଚିହ୍ନି ପାରନ୍ତି ନାହିଁ । ଭୁଲି ଯିବାର ଅହରହ ପ୍ରୟାସ ଭିତରେ ନିଜେ ନିଜଠାରୁ ଦୂରେଇ ଯାଉଛୁ । ନିଜକୁ ଅନ୍ୟର ଆଖିରେ ସର୍ବଦା ଭଲ ଦେଖାଇ ହେବାର ପ୍ରଚେଷ୍ଟା ଭିତରେ ମୁଖା ତଳେଥିବା ଚେହେରା ପଢିବାକୁ ବନ୍ଧୁ ଏଠି ପାଉ ନ ଥିବାର ଅଭିଯୋଗ ସବୁବର୍ଗରେ ଦେଖିବାକୁ ମିଳେ । ତେଣୁ ବନ୍ଧୁତାରେ ବୟସ ତାରତମ୍ୟ ବହୁତ ଦେଖାଯାଏ । ଏଥିରେ ବି କିଛି ଅସୁବିଧା ନାହିଁ ଯେତେଦିନ ପର୍ଯ୍ୟନ୍ତ ସମାଜ ଆଖିରେ ରୋଷର ଶିକାର ନ ହୋଇଛନ୍ତି । ଆଜି ଏପରି ବହୁ ବାଧାବିଘ୍ନକୁ ସାମ୍ନା କରିବାରେ ଦୁର୍ବଳ ହୋଇ ପଡୁଥିବା ମନଟି ଶେଷର ନିଃସଙ୍ଗତାକୁ ଶ୍ରେଷ୍ଠ ମନେ କରୁଛି !

ଏହା ବି ଠିକ ନୁହେଁ ଯେ ସର୍ବଦା ବନ୍ଧୁତାର ଶ୍ରେଷ୍ଠ ଉଦାହରଣ ହେବାକୁ ଜଣେ ଗରିବ ଓ ଧନୀ ହୋଇଥିବେ । କାହିଁକି ଜଣେ ଗରିବ-ଗରିବ ଓ ଧନୀ-ଧନୀ ଉତ୍ତମ ବନ୍ଧୁତା ସ୍ଥାପନ କରି ନ ପାରିବେ? ସର୍ବଦା ଧନୀ ବ୍ୟକ୍ତି ହିଁ ବିଶାଳ ହୃଦୟରେ ହୋଇଥିବା ତ ଜରୁରୀ ନୁହେଁ । ବନ୍ଧୁତାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସମାନ ମାନଦଣ୍ଡରେ ଉଭୟଙ୍କୁ ସୁଯୋଗ ମିଳିବାରୁ ହିଁ ଜଣା ପଡେ । ବିପଦ ବେଳେ ହିଁ ବନ୍ଧୁତାର ଲକ୍ଷଣ ଜଣାପଡେ । ଏପରି ସ୍ଥିତିରେ ଆହୁରି ନିବିଡ ହୋଇଯାଏ ବନ୍ଧୁତା ନଚେତ ଛିଡିଯାଏ । ଯେଉଁଠି ମୂଲ୍ୟବୋଧ, ନୈତିକତା ଲୋପ ପାଏ ସେଠି ବନ୍ଧୁତା ଆଉ ଆଦର୍ଶ ହୋଇ ରୁହେ ନାହିଁ । ବନ୍ଧୁତା ଯେ କାହା ସହିତ ଜୋରଜବରଦସ୍ତି ରଖାଯାଇ ପାରେ ନାହିଁ । ଆଜିର ବନ୍ଧୁତା ଫେସବୁକରେ ଲାଇକ ଓ କମେଣ୍ଟରେ ସୀମିତ । ସଫଳତା ପାଇବା ପରେ ସାବାସୀ ଓ ପ୍ରଶଂସାରେ ପୋତି ପକାଇବା କଣ ବନ୍ଧୁତାର ଲକ୍ଷଣ ? ସଫଳତା ପାଇବା ପୂର୍ବରୁ ହାତ ଧରି ପାଦରେ ପାଦ ମିଶାଇ ଚାଲିବା, ତ୍ରୁଟି ସୁଧାରିବାରେ ସହଯୋଗ କରିବା ହିଁ ପ୍ରକୃତ ବନ୍ଧୁତା । ତେଣୁ ଜଣେ ଶ୍ରେଷ୍ଠ ବନ୍ଧୁ ପାଖରେ ଥିଲେ ବିଶ୍ୱ ବିଜୟୀ ହୋଇ ପାରିବ ।

ବନ୍ଧୁତା ଭିତରେ ପ୍ରତିବଦଳେ କିଛି ପାଇବାର ଆଶା ସର୍ବଦା ରହିଥାଏ । କିନ୍ତୁ ଏହା ପ୍ରତିଦାନ ସ୍ୱରୂପ ଦାବି କରିବା ଶୋଭା ପାଏ ନାହିଁ । ବନ୍ଧୁତାର ସବୁଠାରୁ ବଡ ଶତ୍ରୁ ପ୍ରତିଯୋଗୀ ମନୋଭାବ । ଦୁହେଁ ସମାନ ଲକ୍ଷ୍ୟ ଓ କ୍ଷେତ୍ରରେ ହୋଇଥିଲେ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ମନେ କରିବା ଉଚିତ ନୁହେଁ । ନଚେତ ବନ୍ଧୁତାରେ ଫାଟ ସୃଷ୍ଟି ହେବା ଥୟ । ବନ୍ଧୁତାକୁ ଚିରସ୍ଥାୟୀ କରାଏ ଉଭୟଙ୍କ ଶତ୍ରୁ ସମାନ ହୋଇଥିଲେ । କହିବାକୁ ଗଲେ ଏକ ଶତ୍ରୁ ହିଁ ଦୁଇ ବନ୍ଧୁଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ସାହାର୍ଯ୍ୟ କରେ । ତେଣୁ ବନ୍ଧୁତାରେ ସମାନତା, ପସନ୍ଦ, ନାପସନ୍ଦ ଯେତିକି ମେଳ ଖାଉ କି ନ ଖାଉ ମାନ-ଅଭିମାନ, ରାଗ-ରୁଷା, ଥଟ୍ଟା-ମଜା ହିଁ ବନ୍ଧୁତାକୁ ନିବିଡ କରାଏ । ପୁଣି ଅନ୍ୟର କାନକୁହା କଥା ଉପରେ ଭରସା ନ କରି ବନ୍ଧୁତା ଭିତରେ କିଛି ବି କଥା ଅକୁହା ନ ରହିବା ଉଚିତ ।

+ ଭଣ୍ଡାରିପୋଖରୀ, ଭଦ୍ରକ ।
ମୋ: ୯୭୭୮୧୬୧୫୦୦

# ଇଂଟରନେଟ୍ - ଶତାବ୍ଦୀର ଅଦ୍ଭୁତ ଉଦ୍ଭାବନ

ଇଂ. ବିଦ୍ୟାଧର ପଣ୍ଡା



ଇଂଟରନେଟ୍ - ଗତ ଶତାବ୍ଦୀର ଅଦ୍ଭୁତ ଶ୍ରେଷ୍ଠ ଉଦ୍ଭାବନ। ଆଜି ଏହା ରୁଟି ପୋଷାକ ଘର ପରି ଏକ ନିତ୍ୟ ଅତ୍ୟାବଶକୀୟ ବସ୍ତୁ ଭିତରେ ଗଣା ହେଉଛି। ସୁରକ୍ଷାପାଇଁ ଜାମ୍ମୁ କାଶ୍ମୀର ସୀମାରେ କିଛିଦିନ ଲାଗି ଇଂଟରନେଟ ସେବା ଉପରେ ସରକାରୀ ପ୍ରତିବନ୍ଧ ଲାଗିବାରୁ କେତେ ହୋ ହଲ୍ଲା ହେଲା। କିଛି ବୁଦ୍ଧିଜୀବୀ ଏହି ନିଷ୍ପତ୍ତିକୁ ଅମାନବିୟ ବୋଲି କହି ଆମରଣ ଅନସନର ଧମକି ଦେଲେ। ଅଳ୍ପ କିଛିଦିନ ଅନ୍ତରରେ ଇଂଟରନେଟ ସେବାକୁ ଚାଲୁ କରିବାକୁ ପ୍ରଶାସନ ବାଧ ହେଲା। ଆଜିକାଲି ଯୁଗରେ ଇଂଟରନେଟ ସ୍ପିଡ୍ ଟିକେ ଡାଉନ୍ ହୋଇଗଲେ ଲୋକେ ଅଣନିଶ୍ୱାସି ହୋଇ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଗାଁ ଗଣ୍ଡାରେ ଯେ କୌଣସି ଛୁଆଙ୍କୁ ପଚାରିଲେ କହୁଛନ୍ତି ଆମର ଅନ୍‌ଲାଇନ୍ କ୍ଲାସ୍ ଚାଲିଛି। ପ୍ରାଥମିକ ବିଦ୍ୟାଳୟରୁ ମହାବିଦ୍ୟାଳୟ ଯାଏ ସବୁ କ୍ଲାସ୍ ଅନ୍‌ଲାଇନ୍ ଚାଲୁଥିବାରୁ କିଛି ଇ-ଲର୍ଣ୍ଣିଂକୁ ଭବିଷ୍ୟତ ପିଢିପାଇଁ ଉଦ୍ଦିଷ୍ଟ ବୋଲି କହିବାକୁ ଆରମ୍ଭ କଲେଣି। ସତରେ ଇଂଟରନେଟ୍ ସବୁ ପ୍ରକାର ଜ୍ଞାନର ଉତ୍ସ। ଗୁଗୁଲ ଗୁରୁ ଆଗରେ ସବୁ ଜ୍ଞାନଗୁରୁ ନିକୃଷ୍ଟ। ଗୁଗୁଲ ସର୍ଚ୍ଚ ଇଂଜିନ୍ ହେଲା ଗୁରୁମାନଙ୍କର ଗୁରୁ, ମାନେ ମହାନ ଗୁରୁ ଯିଏ କି ଦେବଗୁରୁ ବୃହସ୍ପତିଙ୍କ ଠାରୁ ବି ବଡଗୁରୁ।

ଏହି ଇଂଟରନେଟ୍ ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାର ସୁରକ୍ଷା ବିଭାଗ ( DOD - Department of Defence, USA)ରେ ବ୍ୟବହୃତ ହେବାପାଇଁ ଉଦ୍ଭାବନ କରାଯାଇଥିଲା। ମୁଖ୍ୟତଃ ସୁରକ୍ଷା ବିଭାଗର ଅଧିକାରୀମାନେ ଏହା ମାଧ୍ୟମରେ ସମସ୍ତ ଗୁପ୍ତ ନିର୍ଦ୍ଦେଶାବଳିର ସହଜ ପରିଚାଳନା ପାଇଁ ବ୍ୟବହାର କରୁଥିଲେ। ବିଶେଷକରି ପରମାଣୁ ଅସ୍ତ୍ରଶସ୍ତ୍ର ସଂରକ୍ଷଣ ଏବଂ ଯୁଦ୍ଧ ଆଦିର ତଥ୍ୟ ସମୁହକୁ ଏହି ଇଂଟରନେଟ୍ ମାଧ୍ୟମରେ ପ୍ରେରଣ କରାଯାଉଥିଲା। ଏଥିରେ ପ୍ରଘଟ ହେବାର ସମ୍ଭାବନା ଆଦୌ ନଥିଲା। ଏହାପରେ ଅଧିକ ଅନୁସନ୍ଧାନ କରାଯାଇ ଇଂଟରନେଟ୍ ପ୍ରୋଟୋକଲ୍ (Internet Protocol (IP) and Advanced Research Projects Agency Network-ARPANET) ଆଦି ବାହାର କରାଯାଇ ବ୍ୟବହାର କରାଗଲା। ଧିରେଧିରେ ପ୍ରଥମେ ଆମେରିକାର କିଛି ବଡବଡ ଘରୋଇ କମ୍ପନୀରେ ଏହି ଇଂଟରନେଟ୍ ବ୍ୟବହାର କରାଗଲା ଏବଂ ତାପରେ ପରେ ପ୍ରାୟ କଳକାରଖାନା ମାନେ ଏହାକୁ ନିଜପାଇଁ ବ୍ୟବହାର କରିବାକୁ ଇଚ୍ଛା କଲେ। ଇଂଟରନେଟ୍ ୧୯୯୦ ମସିହା ଯାଏ ଏମିତି ସୀମିତ ପରିସୀମା ଭିତରେ ବ୍ୟବହାର କରାଯାଉଥିଲା। କିନ୍ତୁ ୧୯୯୦ ପରେ ବିଶ୍ୱ ବ୍ୟାପି ୱେବ୍ (WWW-world wide web)ର ଉଦ୍ଭାବନ ପରେ ଦିନକୁ ଦିନ ଅଗଣିତ ସଂସ୍ଥା ଓ ଲୋକ ଏହାର ବ୍ୟବହାର କରିବାକୁ ଲାଗିଲେ।

ଏହି ଇଂଟରନେଟ୍ ବିଷୟରେ ଅନେକଙ୍କର କିମ୍ଭୁତକିମାକାର ଧାରଣା ମାନ ରହିଛି। ଏହା ଆଜି ଯେତେବେଳେ ସର୍ବସାଧାରଣରେ ବହୁଳ ବ୍ୟବହାର ହେବାର ଦେଖାଯାଉଛି, ସମସ୍ତେ ଏହା ବିଷୟରେ ସଠିକ୍ ଧାରଣ ରଖିବା ଅନିବାର୍ଯ୍ୟ। ଏହା ଭାବ କିମ୍ବା ସନ୍ଦେଶ ଆଦାନ ପ୍ରଦାନ କରିବା ପାଇଁ ଆନ୍ତର୍ଜାତୀୟ ସରଳ ସହଜ ପଦ୍ଧତି। ପୃଥିବୀର ଯେ କୌଣସି କୋଣରୁ ଅନ୍ୟ କୋଣକୁ କିଛି ତଥ୍ୟ ବିନିମୟ କରିବାର ସବୁଠାରୁ ସହଜ ପ୍ରଣାଳି ହେଲା ଇଂଟରନେଟ୍। ଏବେ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ପରିବା ଯାଏ ଏବଂ ଜୋତାଠାରୁ ନେଇ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ପର୍ଯ୍ୟନ୍ତ ସବୁକିଛି ଇଂଟରନେଟ୍‌ରେ କିଣାବିକା ଚାଲିଛି। ଯାବତିୟ ସୂଚନାମାନ ଇଂଟରନେଟ୍‌ରେ ଆମକୁ ସହଜରେ ଉପଲବ୍ଧ। ଏହା ସମ୍ଭବ ହେବାର ଏକମାତ୍ର କାରଣ ହେଲା କୋଟିକୋଟି କମ୍ପୁଟର୍ କୌଣସି ନା କୌଣସି ମାଧ୍ୟମରେ ପରସ୍ପର ସହିତ ଯୋଡି ହୋଇ ରହିଛନ୍ତି। ଏହା ତାର, ଉପଗ୍ରହ, ସୁକ୍ଷ୍ମ ତରଙ୍ଗ କିମ୍ବା ଫାଇବର୍ ଅପ୍ଟିକାଲ୍ କେବୁଲ୍ ପରି କୌଣସି ଏକ ମାଧ୍ୟମ ଦ୍ୱାରା ଯୋଡିହୋଇ ଏକ ନେଟ୍‌ୱର୍କର ଅଂଶବିଶେଷ ହୋଇଛନ୍ତି। ତେଣୁ ପ୍ରତ୍ୟେହ ଏଥିରେ ନାନା ପ୍ରକାର ପରିବର୍ତ୍ତନ ଆଦି ଆପେ ଆପେ ଜାଣିବାର ସୁଯୋଗ ରହିଛି। ଆଜିର ବିଶ୍ୱ ଏକ ପ୍ରକାର ସମ୍ପୂର୍ଣ୍ଣ ରୂପେ ଇଂଟରନେଟ୍ ଉପରେ ନିର୍ଭରଶୀଳ। ଇଂଟରନେଟ୍ ସ୍ପିଡ୍ ମାତ୍ର ଦୁଇଘଂଟା କମିଗଲେ ବ୍ୟାଙ୍କ ପରିଶର ବାହାରକୁ ଗରାଖଙ୍କର ଧାଡି ଚାଲିଯାଉଛି। ଏସବୁ କମ୍ପୁଟର୍‌କୁ କମ୍ପୁଟର ଖାଲି ତାର ଯୋଡିଦେଲେ ଚଳିବନି, ଏହାକୁ ଚଲେଇବା ପାଇଁ ଭିନ୍ନ ଭିନ୍ନ ସପ୍ଟ୍‌ୱେୟାର ବି ଦରକାର। ସର୍ବପ୍ରଥମେ ଇଂଟରନେଟ୍ ବ୍ରାଉଜିଂ ସପ୍ଟ୍‌ୱେୟାର୍। ଏହା ନାନା କିସମର ଅଛି। ଯଥା ଇଂଟନେଟ୍ ଏକ୍ସପ୍ଲୋରର୍, ନେଟ୍ ସ୍କେଫ ନାଭିଗେଟର୍, ଗୁଗଲ କ୍ରୋମ୍ ଇତ୍ୟାଦି।

ବିଶ୍ୱସାରା ଉପରୋକ୍ତ ବ୍ରାଉଜର୍ ଗୁଡିକ ମାଧ୍ୟମରେ ଗୋଟିଏ କମ୍ପୁଟର୍‌ରୁ ଅନ୍ୟ କମ୍ପୁଟର୍‌କୁ କ୍ଷଣକରେ ଡାଟା ବିନିମୟ କରାଯାଇପାରେ। ଏହାର କୌଣସି ଜଣେ ମାଲିକ ନାହିଁ। ତେଣୁ ଏହାକୁ କେହି ବନ୍ଦ କରିବାକୁ ସକ୍ଷମ ନୁହେଁ। ଆଜିକାଲି ଦୂରଧ୍ୱନୀର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି। କାରଣ ଇଂଟରନେଟ୍‌ର ବ୍ୟବହାର ବଢିବାରେ ଲାଗିଛି। ସାତ ସମୁଦ୍ରପାରି ଝିଅଟିଏ ସବୁ ରାତିରେ ନିଜ ମାଆକୁ ଶୁଭରାତ୍ରୀ ଜଣେଇ ହାତ ହଲେଇ ଭିଡିଓ ଚାଟିଂରେ ବାଏ ବାଏ କରି ଶୋଉଛି। ଭାରତର ଅନୁନ୍ନତ ଅଂଚଳର ଜେଜମା ଆମେରିକାର ଥିବା ନାତି ନାତୁଣୀର ଗୁଲୁଗୁଲିଆ କଥା ଶୁଣି ଆନନ୍ଦରେ ବିଭୋର ହୋଇପାରୁଛି। ଏସବୁର ମୂଳରେ ସେହି ଇଂଟରନେଟ୍। ଏହା ଆମର ଦୈନିକ ଜୀବନକୁ ଏବେ ଅତିମାତ୍ରାରେ ପ୍ରଭାବିତ କରିଛି। ବିଶ୍ୱରେ ଯେ କୌଣସି ପ୍ରକାରର କମ୍ପୁଟର ହେଉ ବିଛି କଥା ନାହିଁ, ଗୋଟିଏରୁ ଅନ୍ୟକୁ ତଥ୍ୟ ବିନିମୟ ସହଜରେ ସମ୍ଭବ ହୋଇପାରୁଛି। ଏହା ସ୍ଥିର କିମ୍ବା ଗତିଶୀଳ ଚଳଚିତ୍ର ବି ହୋଇପାରେ। ବେଳେବେଳେ ଏହା ବିଶ୍ୱାସ ନହେଲେ ବି ସତ୍ୟ ହୋଇଥାଏ। ଦିନକୁ ଦିନ ଉଦ୍ଭାବନ ଏମିତି ହେଉଛି କି ଯାହା ଆମର କଳ୍ପନା ବାହାରେ, ତାହା ବି ସମ୍ଭବ ହେବାପରି ଲାଗୁଛି।

ସମ୍ବାଦ ବିନିମୟର ଏକ ନିର୍ଦ୍ଦିଷ୍ଟ ପ୍ରଣାଳି ଅଛି। ବହୁତ ବଡ ସମ୍ବାଦକୁ ଛୋଟ ଛୋଟ ଡାଟା ଚଙ୍କରେ ପରିଣତ କରି ପ୍ୟାକେଟ ପରେ ପ୍ୟାକେଟ ପଠାଇବା କାମ ହେଲା ମଡେମ୍‌ର। ଯେମିତି ମାଇକ୍ ଶବ୍ଦ ତରଙ୍ଗକୁ କୋଡିଂ କରି ପରେ ଡିକୋଡିଂ କଲେ ଅପର ପାର୍ଶ୍ୱରେ ଥିବା ବ୍ୟକ୍ତି ଶୁଣିପାରେ ସେହିପରି ଆମର ଲିଖିତ ଶବ୍ଦ ସମୁହକୁ ମଡେମ କୋଡିଂ କରି ପ୍ରେରକ ପାଖରୁ ପଠାଇଦିଏ ଏବଂ ପ୍ରାପ୍ତି ପାଖରେ ସେହି ମୋଡେମ ଡିକୋଡିଂ କାମ କରି ସେହି ସନ୍ଦେଶଗୁଡିକୁ ମୂଳ ଅବସ୍ଥାକୁ ଫେରାଇଆଣେ। ଏମିତି ପ୍ରତ୍ୟେହ କୋଟି କୋଟି କମ୍ପୁଟର୍‌ରୁ କୋଟି କୋଟି କମ୍ପୁଟର୍‌କୁ ଭିନ୍ନ ଭିନ୍ନ ପ୍ରକାରର ସନ୍ଦେଶ ପ୍ରେରଣ ଏବଂ ଗ୍ରହଣ କରାଯାଉଛି। ସେ ବ୍ୟାଙ୍କ କୁହନ୍ତୁ କି ଏୟାରପୋର୍ଟ କଥା ହେଉ ସବୁ ଏଇ ଇଂଟରନେଟ୍ ଉପରେ ନିର୍ଭର। ଗୋଟିଏ ମିନିଟ ଇଂଟରନେଟ ବନ୍ଦ ମାନେ ଲକ୍ଷ ଲକ୍ଷ କୋଟି କ୍ଷତି। ଇଂଟରନେଟର ସମସ୍ତ ବ୍ୟବହାର ଆମର କଳ୍ପନା ଜଳ୍ପନା ବାହାରେ। କିଏ ଏହା ମାଧ୍ୟମରେ ଆଇଏସ୍ ପାଇଁ ପ୍ରସ୍ତୁତ ହେଉଛି ତ କିଏ ଆଇଏସଆଇଏସ୍ ର ତଥ୍ୟ ସଂଗ୍ରହ କରି ସେଥିରେ ଯୋଗଦେଇ ସଂତ୍ରାସବାଦୀ ହୋଇଯାଉଛି। କିଏ ଗରିବ ଲୋକମାନଙ୍କର ସେବା ପାଇ ଏହାକୁ ବ୍ୟବହାର କରୁଛି ତ କିଏ ବୋମା ତିଆରି ପଦ୍ଧତି ଶିକ୍ଷାକରି ଡକାୟତି କରୁଛି। ତେଣୁ ଯେପରି ଗୋଟେ ଛୁରୀ ଚୋରହାତରେ ପଡିଲେ ସେ ଭଲଲୋକର ଜୀବନପାଇଁ କାଳ ହେଉଛି ଏବଂ ସେହି ଛୁରୀ ଜଣେ ବୈଦ୍ୟହାତରେ ଥିଲେ ସିଏ ଅସ୍ତ୍ରୋପଚାର କରି ଲୋକର ଜୀବନ ରକ୍ଷା କରୁଛି, ସେହିପରି ଇଂଟରନେଟ୍ ଏକ ବିଶାଳ ଜ୍ଞାନ ଗନ୍ତାଘର ବ୍ୟବସ୍ଥା। ଏହାକୁ ବ୍ୟବହାର କଲା ଲୋକମାନଙ୍କ ଉପରେ ନିର୍ଭର କରେ କିଏ ଏହାକୁ କିପରି ଭାବରେ ଉପଯୋଗ କରୁଛି ! କିନ୍ତୁ ଏହା ଆମର ଦୈନ୍ୟଦିନ ଜୀବନ ସାଥୀ ହୋଇସାରିଛି ବୋଲି ସମସ୍ତେ ଏବେ ଏକମତ ହେବାକୁ ବାଧ।

ଇଂଟରନେଟ୍‌କୁ ବ୍ୟବହାର କରିବା ପାଇଁ ଆମକୁ କେତେଟି ଜିନିଷର ଆକ୍ଷରିକ ଶବ୍ଦାର୍ଥ ଜାଣିଲେ ସହଜ ହେବ। ଏଥିରେ ଅନେକ ପ୍ରକାର ସପ୍ଟ୍‌ୱେୟାର ବ୍ୟବହାର କରାଯାଏ। ଗୋଟିଏ ହେଲା ୟୁଆର୍‌ଏଲ୍ (URL-Universal Resource Locator) ଅର୍ଥାତ୍ ବିଶ୍ୱସ୍ତରିୟ ସମ୍ପଦ ସୂଚିକା। ଏହାଦ୍ୱାରା ଆମେ ବିଭିନ୍ନ ଇଂଟରନେଟ୍ ଠିକଣା ମାନ ସର୍ଚ୍ଚ ଇଂଜିନ୍‌ରେ ଭରାଯାଏ। ଏହାର ଆରମ୍ଭ ଏଚ୍‌ଟିଟିପି ରୁ ହୁଏ ଏବଂ ଶେଷ ଡଟ୍ କମ୍ , ଡଟ୍ ଓଆର୍ଜି କିମ୍ବା ଡଟ୍ ଇଡିୟୁ ବ ଡଟ୍ ଇନ୍ (.com , .org, .edu or .in)ରେ ହୋଇଥାଏ। ଆମେ ପୂର୍ବରୁ କହିଛେ ଏହାର କେହି ମାଲିକ ନାହାନ୍ତି କି ଏଥିପାଇଁ କାହାକୁ କିଛି ଦେବାନେବା କରିବାକୁ ପଡେନାହିଁ। କିନ୍ତୁ ମୋଡେମଟି କ୍ରିୟାଶିଳ କରିବାକୁ ହେଲେ ଆମେ ଏହାକୁ କୌଣସି ଏକ ଦୂର ସଂଚାରସେବା ଯଥା ବିଏସ୍‌ଏନ୍‌ଏଲ୍, ଏୟାରଟେଲ୍ କିମ୍ବା ଜିଓ (jio, bsnl, airtel etc)ପରି ସଂସ୍ଥାର ନେଟୱର୍କ ସହ ସଂଯୋଗ ଦରକାର, ଏଇଠି ପଇସା କଥା ଆସେ। ଏସବୁ ସଂସ୍ଥାକୁ ଆଇଏସ୍‌ପି (Internet Service Provider - ISP) ) କୁହାଯାଏ। ସବୁ ଜିନିଷର ଆକ୍ଷରିକ ଓଡିଆ କରିବା କଷ୍ଟ। ସେମିତି ଏକ ବ୍ୟବହୃତ ଶବ୍ଦ ପିପିପି (PPP- Point-to-Point communication)। ଏମିତି ଅନେକ ଶବ୍ଦ ନିତ୍ୟ ବ୍ୟବହାର୍ଯ୍ୟ ଏବଂ ସେଗୁଡିକ ସାଥିରେ ପରିଚିତ ହେବା ଆବଶ୍ୟକ। ଏମିତି ଏକ ଶବ୍ଦ ଆଇଆର୍ସି (IRC- Internet Relay Chat ), G`Öò_ò (FTP - File Transfer Protocol) ଏବଂ ଅନ୍ୟଟି ହେଲା (HTML - Hyper Text Markup Language)। ଯାହାହେଉ ଆଜିର ଦିନରେ ଇଂଟରନେଟ୍ ବିନା ଜୀବନ ଅସମ୍ଭବ। ତେଣୁ ଯଥାର୍ଥରେ କୁହାଯାଇପାରେ ଯେ ବିଗତ ଶତାବ୍ଦୀର ସମସ୍ତ ଉଦ୍ଭାବନ ଭିତରେ ଇଂଟରନେଟ୍ ହେଲା ସବୁଠାରୁ ଶ୍ରେଷ୍ଠ ଏବଂ ଅଦ୍ଭୁତ ଉଦ୍ଭାବନ।

+ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦

କବିତା କୋଣାର୍କ

## ଆହତ ହୃଦୟ...



ପ୍ରଶାନ୍ତ କୁମାର ନାଥ

ଭୁଲିବି ବୋଲି ଭାବିଲେ ଯେତେ
ମନେ ପଡୁଛୁ ମୋର ତୁ ସେତେ
ପାଗଳ କରେ ଛବି ତୋହର
ଆଖିରୁ ଝରେ ଲୋତକ ଧାର ॥

ସପନ ଦେଖେ ତୋତେ ଲୋ ନିତି
ଜଳେଇ ମାରେ ମୋତେ ତୋ ସ୍ମୃତି
ତୁ ସିନା ମୋତେ କରିଛୁ ପର
ହେଲେ ମୋ ମନେ ତୋଳିଛୁ ଘର ॥

ରଖିଲି ତୋତେ ମନରେ ନେଇ
ସେ ପାଇଁ ମୋତେ ଦେଲୁ ଦୂରେଇ
ତୋ ପାଖେ ଥିଲା ଖୁସି ମୋହର
ପିଆଇ ଦେଲୁ ଦୁଃଖ ଜହର ॥

ଆଖିରେ ନାଚେ ତୋହରି ଛବି
ଦିନ ମୋ ବିତେ ତୋ କଥା ଭାବି
ଥିଲୁ ତୁ ଦିନେ ଅତି ନିଜର
ସାଜିଲୁ ଆଜି ତୁ ସାତପର ॥

ତୋ ବିନା ବଞ୍ଚି ପାରିବି ନାହିଁ
କହିଲି ପ୍ରିୟା ତୋତେ ଲୋ ମୁହିଁ
ସେ ପାଇଁ ମୋତେ ଦୂରେଇ ଦେଲୁ
ସତ କି ମିଛ ପ୍ରମାଣ ନେଲୁ ॥

ସେମିତି ସିନା ମୋ ହାତ ଗୋଡ
ହେଲେ ମୁଁ ପ୍ରିୟା ସାଜିଛି ଜଡ
ମନଟା ମୋର ଯାଇଛି ମରି
ତୋତେ ଲୋ ଖାଲି ହେଉଛି ଝୁରି।
ସାଜିଛି ଆଜି ଜିଅନ୍ତା ଶବ
ବାଧୁଛି ମୋତେ ତୋର ଅଭାବ
ଜାଣିନି କେତେ ଭଲରେ ଅଛୁ
କେତେ ଖୁସିରେ ଦିନ କାଟୁଛୁ।

ଦେବିନି ପ୍ରିୟା ତୋତେ ମୁଁ ଦୋଷ
କରିବି ନାହିଁ ମିଛରେ ରୋଷ
ଭଲ ପାଇଲି ହୃଦୟ ଦେଇ
ହୃଦୟ କାନ୍ଦେ ସେ ପ୍ରେମ ପାଇଁ ॥

ଥରୁଟେ ମୋର ଜୀବନେ ଆସି
ଦେଇଛୁ ମୋତେ ଅନେକ ଖୁସି
ଦେବି ମୁଁ କାହିଁ ଦୋଷ କାହାର
ନଥିଲୁ ପରାଭାଗ୍ୟରେ ମୋର ॥

+ ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର ।
ମୋ-୦୮୮୯୨୩୦୧୧୪୩

## ଠେକୁଆ ଅଜା ଖାଇବ ଖଜା..

ଅମରନାଥ ବାରିକ୍

ଆସ ଆସ ହେ ଠେକୁଆ ଅଜା
ଖାଇବ ଯେବେ ମିଠାଇ ଖଜା
ମୋହ ପାଖରେ ବସ।
ମଣ୍ଡା ଆରିସା ଚକୁଳି ଛେନା
ତା’ ସଙ୍ଗେ ଦେବି ଲବଣି ଛେନା
ଆଉ ନଡ଼ିଆ ରସ ॥
ନେବିଟି ପୁଣି ବୁଲେଇ କେତେ
ଫୁଲର ଅଛି ଉଦ୍ୟାନ ଯେତେ
ଆମ ଘର ପାଖରେ।
ନରମ ଘାସ ଲାଗିବ ଭଲ
ବୁଲିବା ପାଇଁ ଥରୁଟେ ଚାଲ
ଆଜି ମୋହ ସାଙ୍ଗରେ ॥
ଭାରି ଶୀତଳ ପବନ ବହେ
ପରଜାତି ଫଲରେ ରହେ
ଭ୍ରମର ଗୀତ ଗାଏ।
ସେ ମିଠା ସ୍ୱର ଶୁଣିବା ପାଇଁ
ଆମେ ସେଠାରେ ବସିବା ଯାଇ
ମନ ଉଛନ ହୁଏ ॥
ଯିବା ଚାଲ ହେ ସଅଳ ଏବେ
ଅଣ୍ଟା ତୁମର ସଳଖ ତେବେ
ଆଉ କାହିଁକି ଡେରି।
ମଠ ମଠ କରି ଚାଲନା ଆଉ
ସେ ଚାଲି ତୁମ କାଲିକି ଥାଉ
ଦିନ ଯାଉଛି ସରି ॥
ଅସ୍ତର ବେଳ ରବିଙ୍କ ହେଲା
ସକାଳୁ ଆସି ସଞ୍ଜ ତ ହେଲା
ପାରୁନ କିଆଁ ଚାଲି।
ରୂପଟା ତୁମ ସବଳ ସିନା
ନଯିବ ଯଦି କରୁନ ମନା
ଫେରି ଯିବି ମୁଁ ଖାଲି ॥

+ କୟାଁ, ମଙ୍ଗଳପୁର, ଯାଜପୁର
ମୋ-୯୫୪୦୩୦୮୦୯୫

ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ଶୁକ୍ରବାର, ନଭେମ୍ବର ୧୩, ୨୦୨୦

ଅକ୍ଷୟ କୁମାର ରାଉତ



# ଚାଚା ନେହେରୁ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆର୍ଯ, ଖାର୍ଯ, ପିର୍ଯ ଆଉ ବିନେ ବିଦାୟ ନେଇ ଚାଲିଯାଆର୍ଯ । ଏତ ପୋକ ମାଛିର ଜୀବନ । ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ । ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ । ଏମିତି ଜୀବନ ଥିଲା ଜବାହାରଲାଲଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସଂନ ଜନ୍ମ ଲାଭ କଲା । ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ । ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର। 'ଆନନ୍ଦ ଭବନ' ରେ ଜବାହାରଲାଲ ଖୁସିରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣି । ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା । ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିଂ କରୁଥିଲେ । ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠେଇଲେ। ଏହି ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ କୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରକୁ ପଚାରିଲେ 'ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ' ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଶ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଜ୍ଜ୍ୱଳା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସଂଂଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହରକୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣରେ ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା। ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷ୍‌ରେ ଚ଼ାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ। ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚ଼ାରି ଆଡେ ପ୍ରଚ଼ାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା। ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା। କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ପରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିଂାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାଂି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆଂି, ଗାଁ ଗହଳିରେ କିଛି ଲୋକ ଥାଆଂି ଯାହାକୁ ସମସ୍ତେ ଭଲ ପାଆଂି ତାଙ୍କୁ ଚାଚା କହଂି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରଂି, ସେ ହେଉଛଂି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାଂ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

+ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି,
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଋତୁ ପରିବର୍ତ୍ତନ ଯୋଗୁ ହେଉଥିବା ସମସ୍ୟାର ଘରୋଇ ଉପାୟ

ଋତୁ ପରିବର୍ତ୍ତନ ହେବା ମାତ୍ରେ କାଶ, ସର୍ଦ୍ଦି, ଜ୍ୱର ହେବା ସାଧାରଣ କଥା । ବିଶେଷ କରି ଥଣ୍ଡା ଆସିଲେ ଜଏଣ୍ଟ ପେନ୍, ଗଳା, ଆଖିରେ ବ୍ୟଥା ଇତ୍ୟାଦି ହୋଇଥାଏ । ସେଥିପାଇଁ ଅନେକ ଔଷଧ ସେବନ କରାଯାଏ । କିନ୍ତୁ ଏହି ସବୁ ସମସ୍ୟାକୁ ଘରୋଇ ଉପାୟରେ ମଧ ଠିକ୍ କରାଯାଇ ପାରିବ ।





◆ ଉପରୋକ୍ତ ସ୍ଥିତିରେ ଚିକେନ ବା ଭେଜିଟେବୁଲ ସୁପ ପିଅନ୍ତୁ । ଏହା ଶରୀରର ଅପର ରେସ୍ପିରେଟରୀ ଇନଫେକ୍ସନକୁ କମ କରିଥାଏ । ଏହା ଏକ ଭାଇରାଲ ଇନ୍‌ଫେକ୍ସନ । ଏହାର ସିଧା ପ୍ରଭାବ ନାକ, ଗଳା, ଶ୍ୱାସନଳୀ ଓ ଫୁସ୍‌ଫୁସ୍‌ରେ ହୋଇଥାଏ । ଲୋ-ସୋଡିୟମ ସୁପ ମଧଣ୍ଟ ଏକ ଭଲ ନ୍ୟୁଟ୍ରିଏଣ୍ଟ ଓ ଏହା ଶରୀରକୁ ହାଇଡ୍ରେଟ କରିଥାଏ ।

◆ ଶୀତଦିନରେ ଅଦାକୁ ଥଣ୍ଡା ଓ କାଶ ଠିକ୍ କରିବା ପାଇଁ ବ୍ୟବହାର କରାଯାଏ । ଯେ କୌଣସି ଋତୁରେ ମଧ ଅଦା ଉପକାରୀ ହେବ । ଅଦା ଗଳାକୁ ଆରାମ ଦେଇଥାଏ । ସେଥିପାଇଁ କାଶ ହେଲେ ଅଦାକୁ ଛେଚି ପାଣିରେ ଫୁଟାଇ ସେହି ପାଣିକୁ ପିଅନ୍ତୁ । ଅଧ୍ୟୟନ ଅନୁସାରେ ଅଦା ଇମ୍ୟୁନିଟି ବୃଦ୍ଧି କରିଥାଏ ଓ ରୋଗଦାଉରୁ ଶରୀରକୁ ରକ୍ଷା କରେ ।

◆ ଗରମ ପାଣି, ହର୍ବାଲ ଚା, ଫଳର ଜୁସ ବା ଅଦା ପାଣି ରକ୍ତ ସଞ୍ଚାରକୁ ଭଲ କରିଥାଏ । ଏହି ପାନୀୟ ସବୁ ଗଳାକୁ ଶୁଖିବାକୁ ଦିଏ ନାହିଁ ଓ ହାଇଡ୍ରେଟ ରଖେ । ଏସବୁ ଲିକ୍ୱିଡ ତା'ର ବିଶେଷତା ଯୋଗୁ ଥଣ୍ଡା, କାଶରୁ ରକ୍ଷା କିରଥାନ୍ତି ।

◆ ମହୁରେ ଆଣ୍ଟିବ୍ୟାକ୍ଟେରିୟଲ ଓ ଆଣ୍ଟିମାଇକ୍ରୋବାଇଲ ଥାଏ । ପ୍ରତ୍ୟେକ ଦିନ ମହୁ ଓ ଲେମ୍ବୁ ପାଣି ପିଇଲେ ଗଳାରେ ହେଉଥିବା ଯନ୍ତ୍ରଣାରୁ ଆରାମ ମିଳେ । କାଶ ଦୂର କରିବାରେ ମହୁ ସହାୟକ ହୋଇଥାଏ । ଏକ ବର୍ଷରୁ ଛୋଟ ପିଲାମାନଙ୍କୁ ମହୁ ଦେବା ଉଚିତ୍ ନୁହେଁ। କାରଣ ବେଳେବେଳେ ମହୁରେ ବୋଟୁଲିମନ ବୀଜାଣୁ ଥାଆନ୍ତି ଯାହା ପିଲାମାନଙ୍କର କ୍ଷତି କରିଥାନ୍ତି ।

◆ ଋତୁ ପରିବର୍ତ୍ତନ ଯୋଗୁ ହେଉଥିବା ସଂକ୍ରମଣ ଯୋଗୁ ନାକ ଓ ଗଳା କୁଣ୍ଡେଇ ହେବା ପରି ଲାଗେ । ତେଣୁ ଷ୍ଟିମ ଦ୍ୱାରା ଏହା ଠିକ୍ ହୋଇ ପାରିବ । ଅଧିକ ଗରମ ପାଣିର ଷ୍ଟିମ ନିଅନ୍ତୁ ନାହିଁ । ଆପଣ ଚାହିଁଲେ ହଟ୍ ସାୱାର ମଧ ନେଇ ପାରିବେ ।











## ଦେଢ଼ ଲକ୍ଷର ରାତ୍ରିଭୋଜନ !

ସ୍ପେନ୍ ଉପକୁଳଠାରୁ ପ୍ରାୟ ସତୁରି କିଲୋମିଟର୍ ଦୂରରେ ଭୂମଧ୍ୟସାଗର ମଧ୍ୟରେ ଥିବା ଇବ୍‌ଜା ଦ୍ୱୀପ ମଉଜ-ମଜଲିସ ପାଇଁ ଜଗତ୍ ବିଖ୍ୟାତ । ତେବେ, ଯଥେଷ୍ଟ ଅର୍ଥ ନ ଥିଲେ, ସେଠାରେ ଏକ ଗ୍ଲାସ୍ ପାଣି ପିଇବା ବି ଅସମ୍ଭବ । ବିଶ୍ୱର ସବୁଠାରୁ ଦାମିକା ଭୋଜନାଳୟ ମଧ୍ୟ ସେଠାରେ ରହିଛି, ନାମ- 'ସବ୍‌ଲାଇମୋସନ୍' । ଏହି ଭୋଜନାଳୟ ସେଠାକାର ପ୍ରସିଦ୍ଧ 'ହାର୍ଡ୍ ରକ୍' ହୋଟେଲ୍ ଭିତରେ ଅବସ୍ଥିତ । ସେଠାରେ ବିଶ୍ୱର ସବୁଠାରୁ ଦୁର୍ମୂଲ୍ୟ ଭୋଜନ ପରିବେଷିତ ହେଉଛି । ପ୍ରତି ଦିନ ସନ୍ଧ୍ୟାରେ ସତେଇଶ ଜଣ କର୍ମଚାରୀ ମାତ୍ର ବାରଟି ରାତ୍ରିଭୋଜନ ପରିବେଶଣ କରନ୍ତି । କୋଡିଏ ଦଫାରେ ପରିବେଷିତ ବା ଇଂରେଜୀରେ 'ଟ୍ୱେଣ୍ଟି କୋର୍ସ୍' ଭୋଜନର ମୂଲ୍ୟ ଜଣଙ୍କ ପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ଦେଢ଼ ଲକ୍ଷ୍ୟ ଟଙ୍କା । ଉଲ୍ଲେଖଯୋଗ୍ୟ ଯେ, ସେଠାରେ ପ୍ରତିଟି ଖାଦ୍ୟର ପରିବେଶଣ ସହ ସଙ୍ଗୀତ, ସୁଗନ୍ଧ, ଭୋଜନ କକ୍ଷର ତାପମାତ୍ରା ଓ ଆର୍ଦ୍ରତା ଆଦି ବଦଳାଯାଏ, ଯେ ପରି ପରିବେଶ ଖାଦ୍ୟ ସହ ଖାପ ଖାଇବ । ସେଠାରେ ଭୋଜନ ଏକ ଅପାର୍ଥିବ ଅନୁଭବ ବୋଲି ଖାଇବାବାଲାଏ କହନ୍ତି ।









## ଗୋମତୀ ଚକ୍ର

ଗୋମତୀ ଚକ୍ର ଏକ ବିରଳ ପ୍ରାକୃତିକ ପଦାର୍ଥ । ଏହା କେବଳ ଦ୍ୱାରକା ଅଞ୍ଚଳରେ ଗୋମତୀ ନଦୀରୁ ମିଳିଥାଏ । ଏହା ଏକ ପ୍ରକାରର ଶାମୁକା ବା ଶଙ୍ଖ ପଥର । ମଣିଷକୁ ସୌଭାଗ୍ୟ ଆଣିଦେଉଥିବା ବିଶ୍ୱାସରୁ ଏହାକୁ ଧାର୍ମିକ କାର୍ଯ୍ୟରେ ଏବଂ କେତେକ ନିର୍ଦ୍ଦିଷ୍ଟ ତାନ୍ତ୍ରିକ କ୍ରିୟା-କର୍ମରେ ଲଗାଯାଏ । ଏହା ଭଗବାନ୍ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଭଳି ଦିଶୁଥିବାରୁ, କେତେକ ଧାର୍ମିକ ଅନୁଷ୍ଠାନରେ 'ଯନ୍ତ୍ର'ରୂପେ ମଧ୍ୟ ବ୍ୟବହାର ହେଉଥିବା ବିଶ୍ୱାସରୁ ଏହାକୁ ଗୃହରେ ପୂଜା କରାଯାଏ । ବାସଗୃହ ନିର୍ମାଣ ପୂର୍ବରୁ ନିଅଁ ଭିତରେ ମଧ୍ୟ ପୋତାଯାଏ । କେହି କେହି ବାସଗୃହ, ବ୍ୟବସାୟ ପ୍ରତିଷ୍ଠାନର ମୁଖ୍ୟ ଦ୍ୱାର ସମ୍ମୁଖରେ ଏହା ଝୁଲାଉଛନ୍ତି । କେତେକ ଅଞ୍ଚଳରେ ଖାଦ୍ୟ ଜନିତ ନିରାପତ୍ତା ପାଇଁ ଏହାକୁ ଲୋହିତ ରଙ୍ଗର କପଡାରେ ବାନ୍ଧି ଚାଉଳ ଓ ଗହମ ଘମ ଭିତରେ ରଖାଯାଏ । ପୁଣି, କେତେକ ଅଞ୍ଚଳରେ ଦୀପାବଳି ବେଳେ ମହଲକ୍ଷ୍ମୀଙ୍କ ସହ ଏହାକୁ ପୂଜାଯାଏ । ମୋଟାମୋଟି ଭାବେ ପରିବାରର ସୁଖ-ଶାନ୍ତି ଏବଂ ଧନ ଆଦି କାମନା କରି ଏହାକୁ ବିଭିନ୍ନ ପ୍ରକାରେ ପୂଜା କରାଯିବା ସହ ଏକ ଭୂଷଣ ଭାବେ ମଧ୍ୟ ଗଳାରେ ଝୁଲାଯାଏ ।



# କୋଭିଡ କିଅସ୍କର ଶୁଭାରମ୍ଭ

ଝାରସୁଗୁଡ଼ା,୧୨।୧୧ (ନି.ପ୍ର): ଆଜି ଝାଡ଼ସୁଗୁଡା ଜିଲ୍ଲା ସଦର ମହକୁମାରେ ଏକ କୋଭିଡ କିଅସ୍କର ଶୁଭାରମ୍ଭ ହୋଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମୁଖସ୍ଥ ଏହି କୋଭିଡ କିଅସ୍କକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ଫିତା କାଟିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ମହିଳା ସ୍ୱୟଂ ସହାୟ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି କିଅସ୍କରେ ଫେସ ମାସ୍କ , ଫେସ ସିଲଡ , ହ୍ୟାଣ୍ଡ ଗ୍ଲୋଭସ , ସାନିଟାଇଜର ଓ କାଢା ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଏଥି ସହିତ ସ୍ୱୟଂ ସହାୟ ଗୋଷ୍ଠୀ ଦ୍ୱାରା ଉତ୍ପାଦ ଅନ୍ୟାନ୍ୟ ସାମଗ୍ରୀ ମଧ ମିଳିବ । ଚଳିତ ବର୍ଷ କରୋନା ମହାମାରୀର ଭୟବହତା କୁ ଦୃଷ୍ଟିରେ ରଖି ସମସ୍ତେ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ବଜାୟ ରଖିବା ଦିଗରେ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଉପ ଜିଲ୍ଲାପାଳ ଶିବ ଟପ୍ପୋ , ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର , ଓରମାସ ଡେପୁଟି ସି ଇ ଓ ଭାଗ୍ୟଲକ୍ଷ୍ମୀ ରାଉତ , ଓଡିଶା ଜୀବିକା ମିଶନର ଡି ପି ଏମ୍ ନୀଳିମା କୁଜୁର , ରୂପସିତା ମିଶ୍ର , ସୋମାନି ସାହୁ , ରୁଦ୍ରନାରାୟଣ ଦାଶ , ଯଶୋବନ୍ତ ନାଏକ , ମା ଗଜଲକ୍ଷ୍ମୀ ଓ ମା ଅମ୍ବେ ଏସ ଏଚ ଜି ଓ ଝାଡେଶ୍ୱର ସିଲେଇ ଉତ୍ପାଦନ ଗୋଷ୍ଠୀ ଓ ସ୍ୱ ଶକ୍ତି ଛତୁ ଉତ୍ପାଦନ ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ : ୧୦ ଗୋରୁ ଉଦ୍ଧାର

ବାରିପଦା,୧୨।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ଚାଂଚବଣି ଅଂଚଳ ଦେଇ ଆସୁଥିବା ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ନଂ ଓଡ଼ି ୧୧ଏ୬୦୧୪ ସ୍ଥାନୀୟ ଟାଟୋ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଛି । ଖବର ପାଇ କରଞ୍ଜିଆ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଗାଡ଼ିଟିକୁ ଜବତ କରିବା ସହ ଗାଡ଼ିରେ ଚାଲାଣ ହେଉଥିବା ୧୦ଟି ଗୋରୁଙ୍କୁ ଉଦ୍ଧାର କରି କରଞ୍ଜିଆ ଗୋଶାଳାକୁ ହସ୍ତାନ୍ତର କରିଛି । ତେବେ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର୍ ଫେରାର୍ ହୋଇଯାଇଛନ୍ତି । ପୋଲିସ ପିକଅପ୍ ଭ୍ୟାନ୍ ଟିକୁ ଥାନାରେ ଅଟକ ରଖିବା ସହ ଗାଡିର ନମ୍ବରକୁ ନେଇ ଯାଂଚ୍ କରୁଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଥିବା ନେଇ ସୂଚନା ମିଳିଛି ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ, ରାସ୍ତା କଡ଼ରୁ ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା କଂସାର ପଚାଂୟତ ଅନ୍ତର୍ଗତ ଏଣ୍ଡର-ମାଲୁଆ ରାସ୍ତାରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ଧକ୍କା ଦେବା ଫଳରେ ଜଣକର ମୃତ୍ୟୁ ଘଟିଛି । ଘଟଣାରେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମୃତକଙ୍କ ନାମ ହେମନ୍ତ ସାହୁ ଏବଂ ତାଙ୍କ ଘର କଂସାର ପଚାଂୟତ ଅନ୍ତର୍ଗତ କୋରୁଆ ଗ୍ରାମରେ ବୋଲି ଜଣାପଡିଛି । ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ୪୩ ବର୍ଷିୟ ହେମନ୍ତ ଓ ତାଙ୍କର ଅନ୍ୟ ଜଣେ ବନ୍ଧୁ ପ୍ରଶନ୍ନଜିତ ସାହୁ ଉଭୟ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି । ଗତକାଲି ବିଳମ୍ବିତ ରାତିରେ ଦୁହେଁ କାମ ସାରି ବାଇକ୍ ନଂ ଓଡ଼ି୨୯ଜି ୯୩୦୬ ଯୋଗେ ଘରକୁ ଫେରୁଥିଲେ । ପ୍ରଶନ୍ନଜିତ ବାଇକ୍ ଚଳାଉଥିବା ବେଳେ ପଛରେ ବସିଥିଲେ ହେମନ୍ତ । ଏଣ୍ଡର-ମାଲୁଆ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛରେ ଧକ୍କା ଦେଇଥିଲେ ପ୍ରଶନ୍ନଜିତ । ଫଳରେ ସେ ଓ ତାଙ୍କ ବନ୍ଧୁ ମୁର୍ମୂର୍ଷୁ ଅବସ୍ଥାରେ ରାସ୍ତା କଡ଼ରେ ପଡି ରହିଥିଲେ । ଆହତ ପ୍ରଶନ୍ନଜିତଙ୍କ ଚେତା ଫେରିବା ପରେ ସେ ଏ ବାବଦରେ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଂଚି ହେମନ୍ତଙ୍କ ମୃତଦେହ ରାସ୍ତା କଡ଼ରେ ପଡିଥିବା ଦେଖିବାକୁ ପାଇଥିଲେ । ଖବର ପାଇ ସଦର ଥାନା ପୋଲିସ ସେଠାରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ୨୭୨/୨୦ ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ସୂଚନା ଦେଇଛନ୍ତି ।

## ବହଳଦା ପୋଲିସ ପକ୍ଷରୁ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ କୋର୍ଟ ଚାଲାଣ

ବାରିପଦା,୧୨।୧୧ (ନି.ପ୍ର): ମୟୁରଭଂଜ ଜିଲ୍ଲାର ବହଳଦା ତହସିଲ ଅଂଚଳରେ ବାଲି ମାଫିଆ ସକ୍ରିୟ ହୋଇଉଠିଛନ୍ତି । ସାମ୍ପ୍ରତିକ କରୋନା ମହାମାରୀ ସମୟରେ ସମସ୍ତ ବେପାର ବାଣିଜ ଠପ୍ ହୋଇଯାଇଛି । ଏହାର ପ୍ରଭାବରେ ସୁନା ରୁପା ଦର ହ୍ରାସ ପାଉଥିବା ବେଳେ ପଥର, ବାଲି, ମୋରମ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । ଏହି ସୁଯୋଗକୁ ହାତଛଡ଼ା କରି ନାହାନ୍ତି ବାଲି ମାଫିଆ । ଆରମ୍ଭ କରିଦେଇଛନ୍ତି ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ । ଫଳରେ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ବହଳଦା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଟ୍ରାକ୍ଟରର ଚାଳକ ବହଳଦା ବ୍ଲକ ଗିଦୀଘାଟି ଅଂଚଳର କିଶନ ମୁର୍ମୁକୁ ଗିରଫ କରିବା ପରେ ଥାନା କେସ୍ ନଂ. ୭୮/୨୦ ମାମାଲ ରୁଜୁ କରି କୋର୍ଟ ଚାଲାଣ କରିଛି ।

## ଶିଶୁ ଯତ୍ନ ଅନୁଷ୍ଠାନ ଛାଡ଼ିଥିବା ପିଲାମାନଙ୍କ ପାଇଁ ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ : ପରବର୍ତ୍ତୀ ସ୍ୱାଧୀନ ଜୀବନରେ ଉନ୍ନତି ଆଣିବା ସହ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୨।୧୧ (ନି.ପ୍ର): ରାଜ୍ୟରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ଗୁଡ଼ିକରେ ରହୁଥିବା ପିଲାମାନେ ୧୮ ବର୍ଷ ବୟସ ହେବା ପରେ ଅନୁଷ୍ଠାନ ଛାଡ଼ି ସ୍ୱାଧୀନ ଭାବେ ସେମାନଙ୍କ ଜୀବନ ଆରମ୍ଭ କରିଥାନ୍ତି । ଏହି ବର୍ଗର ପିଲାମାନଙ୍କ ପରବର୍ତ୍ତୀ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ଥବବା ଆହ୍ୱାନ ଗୁଡ଼ିକ ସମ୍ପର୍କରେ ମାନସମନ୍ଥନ ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏକ ରାଜ୍ୟସ୍ତରୀୟ ଭର୍ଚୁଆଲ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ୟୁନିସେଫ୍‌ର ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶିଶୁ ଯତ୍ନ ଅନୁଷ୍ଠାନ ଛାଡ଼ିଥିବା ପିଲାମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟତଃ ଶିଶୁ ଯତ୍ନ ଅନୁଷ୍ଠାନ ଛାଡ଼ିଥିବା ପିଲାମାନଙ୍କ ନିମନ୍ତେ ଦେଖାଦେଉଥିବା ସମସ୍ୟା, ଆବଶ୍ୟକତା, ଆହ୍ୱାନର ସଫଳ ମୁକାବିଲା ସହ ସେମାନଙ୍କୁ ପର୍ଯ୍ୟାପ୍ତ ଜ୍ଞାନ, ଦକ୍ଷତା, ସମ୍ବଳ ଏବଂ ସହାୟତା ଯୋଗାଇ ଦେଇ ପରବର୍ତ୍ତୀ ସମୟରେ ଏକ ଉତ୍ତମ ସ୍ୱାଧୀନ ଜୀବନଯାପନ ପାଇଁ ପ୍ରସ୍ତୁତ କରିବା ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଶିଶୁ ଯତ୍ନ ଅନୁଷ୍ଠାନ ଛାଡ଼ିଥିବା ପିଲାମାନଙ୍କ ପରବର୍ତ୍ତୀ ସୁରକ୍ଷିତ ଜୀବନ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଶିଶୁ ଯତ୍ନ ଅନୁଷ୍ଠାନ ଛାଡ଼ିଥିବା ପିଲାମାନେ ସେମାନଙ୍କ ପରବର୍ତ୍ତୀ ଜୀବନର ସଂଘର୍ଷ ଓ ସଫଳତା ସମ୍ପର୍କରେ ଜଣାଇବାକୁ ଅନୁରୋଧ କରିଥିଲେ, ଯାହାଦ୍ୱାରା ରାଜ୍ୟ ସରକାର ନିଜ ସମ୍ବଳ ଓ ସାଧନ ଅନୁସାରେ ବିଭିନ୍ନ ଯୋଜନାରୁ ସେମାନଙ୍କୁ ସହାୟତା ପ୍ରଦାନ କରିପାରିବେ । ନିଜର ପ୍ରାରମ୍ଭିକ ଅଭିଭାଷଣରେ ନିର୍ଦ୍ଦେଶକ, ଆଇସିଡିଏସ୍ ଏବଂ ସମାଜ କଲ୍ୟାଣ ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅରବନ୍ଦ ଅଗ୍ରୱାଲ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନା ଏବଂ ନୀତି ସମ୍ପର୍କରେ ସୂଚନା ଦେବା ସହ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ୧୮ ବର୍ଷ ହେବା ପରେ ଶିଶୁ ଯତ୍ନ ଅନୁଷ୍ଠାନ ଛାଡ଼ିଥିବା ୨୫୦ରୁ ଉର୍ଦ୍ଧ୍ୱ ଯୁବବର୍ଗ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରସ୍ଥିତ ପ୍ରତିଭାଦେବୀ କଲେଜ ଅଫ୍ ନର୍ସିଂରେ ନର୍ସିଂ ଫ୍ୟାକଲଟି ଭାବେ କାର୍ଯ୍ୟରତ କଲ୍ୟାଣୀ ରଥ ଏବଂ ବାଙ୍ଗାଲୋରସ୍ଥିତ ଓରିଏନ୍ କମ୍ପାନୀରେ ବିତ ଅଧିକାରୀ ଭାବେ କାର୍ଯ୍ୟରତ ରବର୍ଟ ଲିଭିଂଷ୍ଟୋନ ବେଥାଲ ସେମାନଙ୍କ ପରିବର୍ତ୍ତିତ ଜୀବନ ସମ୍ପର୍କରେ ଅଭିଜ୍ଞତା ଏବଂ ଅନୁଭୂତି ବଖାଣିଥିଲେ । ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧକ୍ଷ ସୁବ୍ରତ ବାଗ୍‌ଚୀ ଶିଶୁଯତ୍ନ ଅନୁଷ୍ଠାନ ଛାଡ଼ିବା ପରେ ଜୀବନର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପିଲାମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ଆଗାମୀ ଭବିଷ୍ୟତକୁ ସୁନ୍ଦର କରି ଗଢ଼ିତୋଳିବା ନିମନ୍ତେ ବର୍ତ୍ତମାନ ସମୟକୁ ଭଲଭାବରେ ନିର୍ମାଣ କରିବା ନିମନ୍ତେ ପରାମର୍ଶ ଦେବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ ।

# ବିଜେପି ପକ୍ଷରୁ ପ୍ରତି ମଣ୍ଡଳରେ ହେବ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ତିନ୍ତିମୁହାଣୀ ନିକଟରେ ଥିବା ଏକ ହୋଟେଲ ରେ ସଂଗଠନର ସମ୍ମିଳନୀ ବିଜେପି ପକ୍ଷରୁ ଆୟୋଜନ କରା ଯାଇଥିଲା । ଜିଲ୍ଲା ସଭାପତି କିଶୋର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ମୁଖପାତ୍ର ତଥା ଜିଲ୍ଲା ପ୍ରଭାରୀ ଜତିନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରେ ସଂଗଠନର ବିକାଶ ଓ ସୁଦୃଢ଼ିକରଣ ପାଇଁ ଗ୍ରାମାଂଚଳ ଓ ମଣ୍ଡଳ ସ୍ତରର ସଂଗଠନର ଗୁରୁତ୍ୱ ଦେଇଥିଲେ । ଆଗାମୀ ଦିନରେ ପ୍ରତି ମଣ୍ଡଳରେ ପ୍ରଶିକ୍ଷଣ ଶିବିର ର ଆୟୋଜନ କରାଯାଇ ବୁଥ୍, ପଂଚାୟତ, ଜୋନ ସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ସକ୍ରିୟ କରିବା ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ପାଇଁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୋଳଗୋବିନ୍ଦ ନାୟକ ସୁନାକର ବେହେରା ଓ ବିଷ୍ଣୁ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପିନ ରାଉତ, ଭକ୍ତବନ୍ଧୁ ମିଶ୍ର, ନେହେରୁ ସାହୁ, ମାନସ ମହାନ୍ତି, ଦିଲିପ ଦାସ, ଅଭିମନ୍ୟୁ ଗୋଛାୟତ, କାନନବାଳା ଦାସ, ସରୋଜ ନାୟକ, ଦୁର୍ଗା ପ୍ରସାଦ ନାୟକ, ଶଶାଙ୍କ ଶେଖର ସେଠୀ, ପ୍ରିୟଦର୍ଶିନୀ ନନ୍ଦ ଙ୍କ ସମେତ ଜିଲ୍ଲାର ସମସ୍ତ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୁବନେତା ଅଭିମନ୍ୟୁ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍କୁଲ ମିଶ୍ରଣ କୁ ବିରୋଧ କରି ଜିଲ୍ଲାପଳଙ୍କୁ ଭେଟିଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ବନ୍ଧପାଟଣା ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟମାନେ ସ୍କୁଲ ମିଶ୍ରଣ ନିଷ୍ପତିର ପୁନଃ ବିଚାର କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି । ୧୯୫୬ ମସିହାରେ ସ୍ଥାପନ କରାଯାଇ ଥିବା ଏହି ବିଦ୍ୟାଳୟ ରୁ ବହୁ ଛାତ୍ରଛାତ୍ରୀ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହୋଇଥିବା ବେଳେ ପରିବର୍ତ୍ତିତ ଅବସ୍ଥାରେ ଏହି ବିଦ୍ୟାଳୟରେ ଛାତ୍ର ସଂଖ୍ୟା କମିଯାଇଛି ।

# ନୂତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦଙ୍କ ଦାୟିତ୍ୱ ଗ୍ରହଣ ଓ କର୍ମଚାରୀଙ୍କ ସହ ଆଲୋଚନା

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ନବ ନିର୍ବାଚିତ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଚଳିତ ମାସ ୬ ତାରିଖରେ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ବୁଧବାର ଶ୍ରୀ ଭଳ ଦାୟିତ୍ୱ ଗ୍ରହଣ କରିଛନ୍ତି । ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ପୂଜାପାଠ କରାଯିବା ସହ ଶୁଭ ସମୟରେ ଭାଇସ ଚେୟାରମ୍ୟାନ ତଥା ଭାରପ୍ରାପ୍ତ ଚେୟାରମ୍ୟାନ ସେହ୍ନଲତା ପ୍ରଧାନଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଏ ଉପଲକ୍ଷେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସ୍ୱାଗତ ସଭାର ଆୟୋଜନ କରାଯାଇ ଥିଲା । ଏଥିରେ ସମସ୍ତ ୨୬ ପଂଚାୟତର ସମିତି ସଭ୍ୟଙ୍କ ମଧ୍ୟରୁ ଅଧିକାଂଶ ଯୋଗଦେଇ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ ପରେନବ ନିଯୁକ୍ତ ଚେୟାରମ୍ୟାନ ଶ୍ରୀ ଭଳ ବ୍ଲକର କର୍ମଚାରୀ ମାନଙ୍କୁ ସଂକ୍ଷିପ୍ତ ସଂଭାଷଣ କରି ଜନ ସାଧାରଣଙ୍କ ପ୍ରତିଥିବା ଉତର ଦାୟିତ୍ୱ, ବିଷୟ ସୂଚାଇ ଦେଇଥିଲେ । କେନ୍ଦ୍ରାପଡା ବ୍ଲକକୁ ଜିଲ୍ଲାର ୧ନଂ ବ୍ଲକରେ ପରିଣତ କରିବା ପାଇଁ ସମସ୍ତ କର୍ମଚାରୀ ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ବ୍ଲକ ଅଧିନ ବିଭିନ୍ନ ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଯଥା ସମ୍ଭବ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ଭଳ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଭାଇସ ଚେୟାରମ୍ୟାନ ସେହ୍ନଲତା ପ୍ରଧାନ, ବିଡିଓ ଅଶ୍ୱିନୀ କୁମାର ଦାସ, ସହକାରୀ ଯନ୍ତ୍ରୀ ଆକୁଳି ଚରଣ ସାହୁ ଙ୍କ ସମେତ ବହୁ ସମିତି ସଭ୍ୟ, ସରପଂଚ ଓ ଦଳୀୟ ସମର୍ଥକ ମାନେ ଉପସ୍ଥିତ ଥିଲେ ।

# ସ୍ୱଚ୍ଛ ସର୍ବେକ୍ଷଣ ଜନସଚେତନତା କାର୍ଯ୍ୟକ୍ରମ

ନୂଆପଡା,୧୨।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଜନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରୟାଲୀ ଖଡିଆଳ ନଗର ପରିକ୍ରମା କରିଥିଲା । ସହରର ୧୩ ଗୋଟି ୱାର୍ଡ ବୁଲି ସଚେତନତା କରାଯାଇଥିଲା । ମଇଳା ଆବର୍ଜନାକୁ ଏକାଠି ରଖି କିପରି ସହରକୁ ସଭାସୁତୁରା ରଖିବା, ସହରରେ ବାହାରୁଥିବା ଏହି ମଇଲା ଆବର୍ଜନାକୁ ଜୈବିକ ସାର ତିଆରିରେ ଉପଯୋଗ କରିବା ଉପରେ ସଚେତନତା କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଏନଏସିର ଗୋଷ୍ଠୀ ସଙ୍ଗଠିକା କର୍ମକର୍ତ୍ତା ସଂଯୁକ୍ତା ପଣ୍ଡା, ମଧୁସ୍ମିତା ମିଶ୍ର, ସେନିଟାଇଜନ ବିଶେଷଜ୍ଞ ରାଜୀବ ମିଶ୍ର, ସ୍ୱଚ୍ଛସାଥି ସୁପରଭାଇଜର ମମତା ମଞ୍ଜରୀ ଥପା, ଗଣେଷ ଭୋଇ, ନାକ ଭୋଇ, ପ୍ରମୋଦ ଠାକୁର, ସୋମେଶ ପାତ୍ର, ଧିରେନ ସିନ୍ଧୁର, ଲକ୍ଷ୍ମୀ କାଣ୍ଡ, ଆଶିଷ ପଣ୍ଡା, ସଞ୍ଜିବ କୁମାର, ସୁଜାତା ଗୋଛାୟତ, ତାମ୍ରଧ୍ୱଜ ମାଝୀ, ରାଜୀବ ମିସ୍ତ୍ରୀ, ହୃଦା ତାଣ୍ଡି, ଗୌତମ ସାହୁ, ସିଦ୍ଧାର୍ଥ ଶଙ୍କର ମହାପାତ୍ର ପ୍ରମୁଖ ସାମିଲ ଥିଲେ ।

## ସ୍କୁଲ ବନ୍ଦ- କ୍ଷେତରେ ଧାନ ସଂଗ୍ରହ କରୁଛନ୍ତି ଛାତ୍ରଛାତ୍ରୀ

ନୂଆପଡା,୧୨।୧୧ (ନି.ପ୍ର): ମହାମାରୀ କରୋନା ବିପତିର ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ବିଦ୍ୟାଳୟର ଛାତ୍ରାଛାତ୍ରୀ । ଗତ ମାର୍ଚ୍ଚ ମାସରୁ ସେମାନଙ୍କ ବିଦ୍ୟାଳୟ ବନ୍ଦ କାରଣରୁ ପାଠ ପଢାରେ ଡୋରୀ ବନ୍ଧା ହୋଇଛି । ସଂକ୍ରମଣ ଭୟରେ ସରକାର ସ୍କୁଲ ଖୋଲୁନାହାନ୍ତି । ଧନୀ ଶ୍ରେଣୀର ଲୋକେ ସେମାନଙ୍କ ପିଲାଛୁଆଙ୍କୁ ଟ୍ୟୁସନ ବ୍ୟବସ୍ଥା କରିବା ସହ ଅନଲାଇନ କ୍ଲାସ ପାଇଁ ଆଣ୍ଡ୍ରୋଏଡ ମୋବାଇଲ ଯୋଗାଇ ଦେଇଛନ୍ତି । ହେଲେ ଗରିବ ଲୋକଙ୍କ ପାଇଁ ଏସବୁ ସପନ ପାଲଟିଛି । ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ଗ୍ରାମାଂଚଳର ଛାତ୍ରଛାତ୍ରୀ । ସେମାନେ ବର୍ତ୍ତମାନ ଖେଳକୁଦ କିମ୍ବା ଅନ୍ୟାନ୍ୟ କାମ କରି ସମୟ ବିତାଉଛନ୍ତି । ବିଦ୍ୟାଳୟ ବନ୍ଦ ଏବଂ ଶିକ୍ଷକ ଆସୁନଥିବାରୁ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବେ ଲଗାମଛଡା ହୋଇଯାଇଛନ୍ତି । ସେମାନଙ୍କୁ ଆକଟ କରିବାକୁ କେହି ନାହାନ୍ତି । ବାପାମାଁ କିଛିକାଂଶରେ ଆକଟ କରୁଥିଲେ ମଧ୍ୟ ସେମାନଙ୍କୁ ଚକମା ଦେଇ ଲୁଚି ଖେଳିବାକୁ ଚାଲି ଯାଉଛନ୍ତି । ଏପରି ଦୃଶ୍ୟ ନୂଆପଡା ଜିଲ୍ଲାର ସବୁ ଅଂଚଳରେ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ବର୍ତ୍ତମାନ ଧାନ କଟା ଋତୁ ଆରମ୍ଭ ହୋଇଯାଇଥିବାରୁ କେତେକ ଛାତ୍ରଛାତ୍ରୀ ସେମାନଙ୍କ ସମୟରୁ ବର୍ତ୍ତିବା ପାଇଁ ଧାନ ଖେତକୁ ଯାଇ ଧାନ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ପୁଣି କେତେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ଖେଳରେ ମାତିଛନ୍ତି । ଦେଖିବାକୁ ଗଲେ ଗ୍ରାମାଂଚଳର ଅନେକ ଛାତ୍ରଛାତ୍ରୀ ଯାହା ପାଠ ପଢିଥିଲେ ବା ମନେ ରଖିଥିଲେ, ସେସବୁକୁ ଏବେ ସେମାନେ ଭୁଲି ଗଲେଣି । ମହାମାରୀ କରୋନା ବିପତି କେବେ ସରିବ ଏବଂ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇ ପାଠ ପଢିବେ, ତାହା ଦେଖିବାକୁ ବାକି ରହିଲା ।

## କଂଗ୍ରେସ ଦଳର ଆଇନ୍ ବିଭାଗ ଅଧ୍ୟକ୍ଷ ଦାୟିତ୍ୱ ନେଲେ ସୁରେନ୍ଦ୍ର ନାଥ କର

ଭୁବନେଶ୍ୱର,୧୨।୧୧ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଦଳର ଆଇନ୍ ବିଭାଗ ଅଧ୍ୟକ୍ଷ ଦାୟିତ୍ୱ ଶ୍ରୀ ସୁରେନ୍ଦ୍ର ନାଥ କରଙ୍କ ଉପରେ ନ୍ୟସ୍ତ କରିଥିବାରୁ ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀ କର ଏଆଇସିସି ଅଧ୍ୟକ୍ଷ ଶ୍ରୀମତୀ ସୋନିଆ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ, ଏଆଇସିସି ଆଇନ୍ ବିଭାଗ ଅଧ୍ୟକ୍ଷ ତଥା ସାଂସଦ ଶ୍ରୀ ବିବେକ ତନ୍‌ଖା, ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକ ଏବଂ ଓଡିଶା ପ୍ରଭାରୀ ଡ. ଏ. ଚେଲାକୁମାରଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ଆଗାମୀ କଂଗ୍ରେସକୁ ତୃଣମୂଳ ସ୍ତରରୁ ଆହୁରି ସୁସଂଗଠିତ ତଥା ସୁଦୃଢ଼ କରିବା ଦିଗରେ ସବୁମତେ ନିଜର ଉଦ୍ୟମ ଅବ୍ୟାହତ ରଖିବା ପାଇଁ ଘୋଷଣା କରିବା ସହିତ ସାଂଗଠନିକ କାର୍ଯ୍ୟରେ ଦଳର କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ତଥା ସମର୍ଥକଙ୍କ ଠାରୁ ଶ୍ରୀ କର ସହଯୋଗ କାମନା କରିଛନ୍ତି ।

## ସ୍ପେଶାଲ ସ୍କ୍ୱାର୍ଡ କବଜାରେ ଗୁଲନଗରର ଦୁଇ ଯୁବକ

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଚୋରା ମାଦକ ଦ୍ରବ୍ୟ, ନିଷିଦ୍ଧ ଡ୍ରଗ୍ସ ଓ ନିଶା ସାମଗ୍ରୀ ରାକେଟ ସକ୍ରିୟ ଥିବାର ସୂଚନା ମିଳିବା ପରେ ପୋଲିସ ପ୍ରଶାସନ ସଚେତନ ହୋଇଯାଇଛି । ଜିଲ୍ଲାକୁ ନିୟମିତ ଭାବେ ବ୍ରାଉନସୁଗାର, ଚରସ, ହାରୋଇନ ପ୍ରଭୃତି ନିଷିଦ୍ଧ ସାମଗ୍ରୀ ଗୁଡିକ ବେଆଇନ ଭାବେ ଅଣାଯାଇ କେନ୍ଦ୍ରାପଡା ସହର ତଥା ଜିଲ୍ଲାର ମୁଖ୍ୟ ମୁଖ୍ୟ ସ୍ଥାନ ମାନଙ୍କରେ ବିକ୍ରୟ କରିବା ପାଇଁ ଏକ ର୍ୟାକେଟ ନିଜର ଜାଲ ବିସ୍ତାର କରିଛି । ଏହି ସାମଗ୍ରୀ ଗୁଡିକୁ ଅପରାଧି ଶ୍ରେଣୀର ବ୍ୟକ୍ତି ମାନଙ୍କୁ ଓ କଲେଜ ପଢୁଆ ଯୁବକ ମାନଙ୍କୁ ବିକ୍ରୟ କରାଯାଉ ଥିବା ସୂଚନା ମିଳିଛି । କେନ୍ଦ୍ରାପଡା ସହର ତଳି ଗୁଲନଗର ଗ୍ରାମର ୨ଜଣ ଯୁବକଙ୍କୁ କେନ୍ଦ୍ରାପଡା ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଉଠାଇ ନେଇ ଅଜଣା ସ୍ଥାନରେ ରଖି ପଚରା ଉଚରା କରୁଥିବା ଜଣାପଡିଛି । ଏହି ଯୁବକ ମାନଙ୍କ ସହିତ ଅନ୍ୟସ୍ଥାନର କେତେକ ଯୁବକ ସଂପୃକ୍ତ ଥିବାନେଇ ଜଣାପଡିଛି । ତଦନ୍ତରେ ବାଧା ଦୃଷ୍ଟିରୁ ଏମାନଙ୍କ ନାମ ପ୍ରକାଶ କରାଯାଉ ନଥିବାର ସୂଚନା ମିଳିଛି ।

# ଗୁଗୁଲ ମିଟ ଜରିଆରେ ଜିଲ୍ଲାସ୍ତରୀୟ ଶସ୍ୟ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

କନ୍ଧମାଳ,୧୨।୧୧ (ନି.ପ୍ର): ଖରିଫ କ୍ରୟ ବିକ୍ରୟ ଋତୁ ୨୦୨୦-୨୧ ବର୍ଷର ଧାନ ସଂଗ୍ରହ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ଅଧ୍ୟକ୍ଷତାରେ କନ୍ଧମାଳ ଜିଲ୍ଲା ସ୍ତରୀୟ କମିଟିର ଏକ ଜରୁରୀ ବୈଠକ ଗୁଗୁଲ ମିଟ ଜରିଆରେ ଆଜି ଅନୁଷ୍ଠିତ ହୋଇଯାଇଛି । ଚାଷୀଙ୍କ ଠାରୁ ଧାନ କିଣିବା ଏବଂ ସେମାନଙ୍କର ବ୍ୟାଙ୍କ ଖାତାକୁ ସଠିକ ସମୟରେ ସେମାନଙ୍କର ଟଙ୍କା ଜମା କରିବା ସହିତ ଧାନ କିଣା ଓ ପ୍ରାପ୍ୟ ପ୍ରଦାନ କରିବା ଦିଗରେ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ଏହି ସମୟରେ କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଆକାଂକ୍ଷା ପ୍ରଧାନ କହିଥିଲେ, ଜିଲ୍ଲାରେ ଥିବା ଏକ ମାତ୍ର ମିଲରଙ୍କ କ୍ଷମତାକୁ ସମ୍ପୂର୍ଣ୍ଣ ବନିଯୋଗ କରିବା ସହିତ ସ୍ଥାନୀୟ ଚାଷୀ ଓ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଦୃଷ୍ଟିପାତ କରାଯାଉ । ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଚାଷୀ ପ୍ରତିନିଧି ଅଭିରାମ ରଣା ଓ ଜନକ ବେହେରା ରବି ଋତୁରେ ଉତ୍ପାଦିତ ଧାନ ଫସଲକୁ ସରକାରୀ କ୍ରୟ ପାଇଁ ସରକାରଙ୍କୁ ଯୋଗାଯୋଗ କରିବାକୁ ଚାଷୀ ମାନଙ୍କୁ ଆହ୍ୱାନ କରିଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ଭାବାନୀ ପ୍ରସାଦ ଦାସଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁସାରେ, ୨୦୨୦-୨୧ ବର୍ଷରେ ସମୁଦାୟ ୨୨ ଟି ମଣ୍ଡି ଓ ୨୨ଟି ଲ୍ୟାମ୍ପସ ଅଂଶ ଗ୍ରହଣ କରି ଥିବାବେଳେ ୬ ହଜାର ୧୧୦ ଜଣ ଚାଷୀ ସେମାନଙ୍କର ନାମକୁ ପଞ୍ଜିକରଣ କରିଛନ୍ତି । ଚଳିତ ବର୍ଷ କ୍ୱିଣ୍ଟାଲ ପିଛା ସହାୟକ ମୂଲ୍ୟ ୧୮୬୮ ଟଙ୍କା ଏବଂ ଏ ଗ୍ରେଡ ଧାନାର ମୂଲ୍ୟ ୧୮୮୮ ଟଙ୍କା ଧାର୍ଯ୍ୟ କରାଯାଇଛି । ଓଡିଶା ସରକାରଙ୍କର ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଚଳିତ ଖରିଫ ଋତୁରେ କନ୍ଧମାଳ ଜିଲ୍ଲା ପାଇଁ ପ୍ରଥମ ଦଫାରେ ୬୯ ହଜାର ୧୧୭ କ୍ୱିଣ୍ଟାଲ ୬୫ କିଗ୍ରା ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ୨୦୨୦-୨୧ ଖରିଫ ଧାନ କିଣା ଋତୁରେ ସରକାରଙ୍କ ଦ୍ୱାରା କମ୍ପ୍ୟୁଟର ମାଧମରେ ଟୋକନ ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ଚାଷୀଙ୍କ ପାଖକୁ ପଠାଇ ଦିଆଯିବ । ଏ ସମ୍ପର୍କରେ ସେମାନଙ୍କୁ ମୋବାଇଲ ଜରିଆରେ ସୂଚନା ଦିଆଯିବା ସହିତ ଧାନ ସଂଗ୍ରହ କେନ୍ଦ୍ରରେ ଏହି ନୋଟିସ ମଧ ଲଗାଇ ଦିଆଯିବ । ଚଳିତ ବର୍ଷ ଉକ୍ତ ଟୋକନରେ ଚାଷୀ ମାନଙ୍କ ପାଇଁ ଧାନ ବିକ୍ରୟ ପାଇଁ ଟୋକନ ପ୍ରାପ୍ତିଠାରୁ ୩୦ ଦିନ ରଖାଯିବା ସହିତ ସେମାନଙ୍କଠାରୁ ଧାନ ରଖାଯିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କୁ ତାଙ୍କ ଧାନର ଧାର୍ଯ୍ୟ ମୂଲ୍ୟ ପ୍ରଦାନ କରାଯିବ । ଏହି ଗୁଗୁଲ ମିଟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଘୁ.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, କନ୍ଧମାଳ ସାଂସଦ ପ୍ରତିନିଧି ଦେବେନ୍ଦ୍ର କୁମାର ସାମଲ, ବାଲିଗୁଡା ଉପ-ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, କନ୍ଧମାଳ ଉପ-ଜିଲ୍ଲାପାଳ ସୁରେଶ କୁମାର ନନ୍ଦଙ୍କ ସମେତ ସମସ୍ତ ବିଭାଗୀତୟ ଅଧିକାରୀ ମିଳ ସଦସ୍ୟ କମିଟିର ସଦସ୍ୟ ଏବଂ ଚାଷୀମାନେ ଯୋଗ ଦେଇଥିଲେ ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

କେନ୍ଦୁଝର,୧୨।୧୧ (ନି.ପ୍ର): ଜିଲ୍ଲାର ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଡ଼ଲାଙ୍ଗ ଗ୍ରାମର ବୃଦ୍ଧା ଯାତ୍ରୀ ବେଣ୍ଡା ଗତକାଲି ସଂନ୍ଧ୍ୟାରେ ନିକଟସ୍ଥ ପୋଖରୀକୁ ଶୌଚ ନିମନ୍ତେ ଯାଇଥିବା ବେଳେ ଅସାବଧାନତା କାରଣରୁ ଗୋଡ଼ ଖସି ପୋଖରୀରେ ବୁଡ଼ି ଯାଇଥିଲେ । ଆଜି ସକାଳେ ପାଣିରେ ତାଙ୍କ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତୁରୁମୁଙ୍ଗା ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଶବ ଉଦ୍ଧାର କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି ।

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କର ମୃତ ଦେହ ଉଦ୍ଧାର

କେନ୍ଦ୍ରାପଡ଼ା,୧୨।୧୧ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧରନ ଏଣ୍ଡର- ମାଲୁଆ ରାସ୍ତାରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକଜଣକ ସ୍ଥାନୀୟ କୋରୁଆ ଗ୍ରାମର ହେମନ୍ତ ସାହୁ ବୋଲି ଜଣାପଡିଛି । ତେବେ ଗତକାଲି ସାଙ୍ଗ ମାନଙ୍କ ମଧ୍ୟରେ ଭୋଜିର ଆୟୋଜନ କରାଯାଇଥିବା ଖବର ପାଇ ଜଣେ ସାଙ୍ଗଙ୍କ ସହ ହେମନ୍ତ ସେଠାକୁ ଯାଇଥିଲେ । ବିଳମ୍ବିତ ରାତିରେ ରାସ୍ତା କଡରେ ହେମନ୍ତଙ୍କ ମୃତଦେହ ପଡି ରହିଥିବା ପରିବାର ଲୋକେ ଖବର ପାଇଥିଲେ । ଦେହରେ କ୍ଷତ ଚିହ୍ନ ରହିବା ସହ ପାଟିରୁ ରକ୍ତ ବାହାରୁଥିବା ଓ କିଛି ଦୂରରେ ତାଙ୍କ ବାଇକ ପଡି ରହିଥିବା ଦେଖିବାକୁ ମିଳିଥିଲା । ସାଙ୍ଗରେ ଥିବା ଦିପକ ଗୁରୁତର ଅବସ୍ଥାରେ ଆହତ ହୋଇ କେନ୍ଦ୍ରାପଡା ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି । ଖବର ପାଇଁ ସଦର ଥାନା ପୋଲିସ ଘଟଣାସ୍ଥଳ ରେ ପହଁଚି ମୃତଦେହ ଓ ବାଇକ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି । ତେବେ ଏହି ଘଟଣା ଏକ ଦୁର୍ଘଟଣା ଜନିତ ହୋଇଥିବା ଥାନା ଅଧିକାରୀ ପ୍ରମୋଦ କୁମାର ମଲିକ ସୂଚନା ଦେଇଛନ୍ତି ।

# ଘଂଟଘଂଟା ବଜାଇ ପ୍ରତିବାଦ ପ୍ରଦର୍ଶନ କଲେ ସେବାୟତ



ବାରିପଦା ,୧୨।୧୧ (ନି.ପ୍ର): କରୋନା କଟକଣା ନିୟମ ମଧ୍ୟରେ ମନ୍ଦିର ଓ ଧର୍ମାନୁଷ୍ଠାନ ମାନ ଖୋଲିବା ସହ ୫ଦଫା ଦାବି ନେଇ ଆଜି ରାଜ୍ୟ ସେବାୟତ ସଂଘ ପକ୍ଷରୁ ସେବାୟତ ମାନେ ଘଂଟଘଂଟା ବଜାଇ ପ୍ରତିବାଦ ପ୍ରଦର୍ଶନ କରିଥିବାର ଦେଖାଯାଇଛି । ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଦାବିପତ୍ର ପ୍ରଦାନ କରିସାରିଥିବା ବେଳେ ଏହାର କୋଣସି ସମାଧାନ ଏଯାବତ ହୋଇନାହିଁ। ଏଣୁ ପ୍ରତିବାଦ ସ୍ୱରୂପ ବୁଧୁବାର ଦିନ ବାରିପଦା ବଡ଼ ଜଗନ୍ନାଥ ମନ୍ଦିର ଓ ସେବାୟତଙ୍କ ବାସଗୃହ ସମ୍ମୁଖରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମନ୍ଦିର ସେବାୟତ ମାନେ ଘଂଟଘଂଟା ବଜାଇ ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବେ ଅଭିନବ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ବୁଧୁବାର ଠାରୁ ୯ଦିନ ବ୍ୟାପି ସକାଳ ୯ଟାରୁ ୯ମିନିଟ ପାଇଁ ଏହିପରି ଭାବେ ପ୍ରତିବାଦ ଜଣାଇବେ ବୋଲି କହିଛନ୍ତି ଓଡିଶା ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ। ହିନ୍ଦୁ ସଂସ୍କୃତିର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ମନ୍ଦିର ଗୁଡ଼ିକ ମହାମାରୀ କରୋନା ପାଇଁ ଦୀର୍ଘ ଦିନ ଧରି ବନ୍ଦ ହୋଇରହିଛି। ତେବେ ମନ୍ଦିର ଗୁଡ଼ିକ କୋଭିଡ କଟକଣା ମଧ୍ୟରେ ଖୋଲାହେବା ସହ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସରକାରଙ୍କ ନିକଟରେ ଦାବି ରଖି ମନ୍ଦିର ସେବାୟତ ସଂଘ ପକ୍ଷରୁ ଏହି ପ୍ରତିବାଦ କରାଯାଇଛି। ଏଥିସହିତ ସମସ୍ତ ମନ୍ଦିର ଗୁଡିକର ସୁବ୍ୟବସ୍ଥିତ କରାଯିବା, ସେବାୟତ ମାନଙ୍କୁ ଆଠ ମାସର କରୋନା ଜନିତ ସାହାର୍ଯ୍ୟ ପ୍ରଦାନ କରାଯିବା, ସେବାୟତ ମାନଙ୍କ ଜୀବନ ବୀମା କରାଯିବା, ସମସ୍ତ ସେବାୟତଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ସହ ସମସ୍ତ ସେବାୟତଙ୍କ ମାସିକ ଭତ୍ତାର ବ୍ୟବସ୍ଥା କରାଯିବା ଭଳି ଦାବୀ ଗୁଡିକ ରଖିଛନ୍ତି । ଅନ୍ୟ ରାଜ୍ୟରେ କୋଭିଡ କଟକଣା ମଧ୍ୟରେ ମନ୍ଦିର ଧର୍ମାନୁଷ୍ଠାନ ଖୋଲି ସାରିଥିଲେ ମଧ୍ୟ ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଭକ୍ତ ମାନେ ଠାକୁରଙ୍କ ଦର୍ଶନ ପାଇବାରୁ ବଂଚିତ ରହିଛନ୍ତି ବୋଲି ସଂଘ ପକ୍ଷରୁ କହିଛନ୍ତି। ଏଥିସହିତ ଆଗାମୀ ନଭେମ୍ବର ୨୦ ତାରିଖରୁ ହେବାକୁ ଥିବା ବିଧାନସଭା ଅଧିବେଶନରେ ୧୦ଟା ସମୟରେ ୧୦୦ ଜଣ ସେବାୟତ କୋଭିଡ କଟକଣା ପାଳନ ପୂର୍ବକ ଅହିଂସା ପୂର୍ବକ ଭାବେ ପ୍ରତିବାଦ କରିବା ସହ ଧାରଣା ଦେବେ ବୋଲି ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି।

# ଯତିନ ମହାନ୍ତି ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ନିଯୁକ୍ତ

ଭୁବନେଶ୍ୱର,୧୨।୧୧ (ନି.ପ୍ର): ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲା ସଭାପତି ଭାବରେ ଡ଼. ଯତିନ ମହାନ୍ତିଙ୍କୁ ନିଯୁକ୍ତି କରାଯାଇଛି । ଡ. ଯତୀନ ମହାନ୍ତି ପୂର୍ବରୁ ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ଓ ଜବାହାରଲାଲ ନେହୁରୁ ବିଶ୍ୱ ବିଦ୍ୟାଳୟରେ(ଜେଏନୟୁ) ଛାତ୍ର ସଂସଦ ନିର୍ବାଚନରେ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ଡ. ମହାନ୍ତି ପୂର୍ବରୁ ମଧ୍ୟ ରାଜ୍ୟ ସମ୍ପାଦକ ଓ ରାଜ୍ୟର ମୁଖପାତ୍ର ଭାବରେ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ନେତୃତ୍ୱରେ ଜିଲ୍ଲାର ସଂଗଠନ ନିଶ୍ଚିତ ଭାବେ ମଜବୁତ୍ କରାଯାଇପାରିବ ବୋଲି ଆଶା କରାଯାଉଛି। ଉଲ୍ଲେଖନୀୟ ଯେ, ପୂର୍ବରୁ ଜିଲ୍ଲା ସଭାପତି ଥିବା ରଶ୍ମୀରଞ୍ଜନ ମହାପାତ୍ର ବିଭିନ୍ନ ସମୟରେ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଥିବା କାରଣରୁ ତାଙ୍କୁ ଦାୟିତ୍ୱ ମୁକ୍ତ କରାଯାଇଛି ବୋଲି ଏକ ପ୍ରେସ ବିବୃତିରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପ୍ରକାଶ କରିଛନ୍ତି।

# ସମାଜସେବୀ ଇଂ ଗିରୀଶ ଚନ୍ଦ୍ର ଦାସଙ୍କ ଦେହାନ୍ତରେ ଶୋକ



ବାଲେଶ୍ୱର,୧୨।୧୧ (ନି.ପ୍ର): ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଇଂଜିନିୟର ତଥା ଗୋପାଳଗାଁ ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ ସମାଜସେବୀ ଗିରୀଶ ଚନ୍ଦ୍ର ଦାସଙ୍କର ଗତକାଲି ରାତିରେ ଦେହାନ୍ତ ହୋଇଯାଇଛି। ଗତଦିନ ଧରି ଅସୁସ୍ଥ ହୋଇ ଗୋପାଳଗାଁ ବାସଭବନରେ ରହିବା ସହ ନିୟମିତ ଚିକିତ୍ସିତ ହେଉଥିଲେ। ତେବେ ଗତକାଲି ସଂଧ୍ୟାରେ ହଠାତ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୯ଟା ୩୦ ସମୟରେ ସେ ଶେଷ ନିଃଶ୍ୱାସ ତ୍ୟଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପତ୍ନୀ ଶିଖର ବାସିନୀ ଦାସ, ଏକମାତ୍ର ପୁଅ ଅକ୍ଷୟ କୁମାର ଦାସ, ପୁତ୍ରବଧୂ ସସ୍ମିତା ଦାସ, ନାତି ଅଂଶୁମାନ ଦାସଙ୍କ ସମେତ ଜ୍ଞାତିକୁଟୁମ୍ବ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ତାଙ୍କର ମୃତ ଶରୀରକୁ ପ୍ରଥମେ ଗୋପାଳଗାଁ ବାସଭବନ ଓ ପରେ ଏକ ସୁସଜ୍ଜିତ ଗାଡ଼ିରେ ଜନ୍ମମାଟି କୁଅଁରପୁର ଗାଁକୁ ନି ନିଆଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏକ ଶୋକାକୂଳ ପରବେଶ ମଧ୍ୟରେ କୁଅଁରପୁର ଗାଁ ମଶାଣୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଅକ୍ଷୟ ମୁଖାଗ୍ନି ଦେଇଥିଲେ। ୧୯୩୯ ମସିହାରେ ଜନ୍ମ ଗ୍ରହଣ କରି ପିତା ଗୋବର୍ଦ୍ଧନ ଦାସ ଓ ମାତା ଚନ୍ଦ୍ରମଣି ଦେବୀଙ୍କ ମୁହଁରେ ହସ ଫୁଟାଇଥିଲେ ସେ। ବାଲ୍ୟଶିକ୍ଷା ସମାପ୍ତ ପରେ ଜିଲ୍ଲା ସ୍କୁଲରେ ମେଟ୍ରିକ୍, ଫକୀର ମୋହନ କଲେଜରୁ ଉଚ୍ଚ ମାଧ୍ୟମିକରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ପରେ ଝାରସୁଗୁଡ଼ାରେ ଇଂଜିନିୟରିଂରେ ଡିପ୍ଲୋମା ପାସ୍ କରି ହୀରାକୁଦ୍ ଆଲୁମିନିୟମ କମ୍ପାନିରେ ଚାକିରୀ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟର ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ବିଭାଗରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରି ୧୯୯୭ ମସିହାରେ ନିର୍ବାହୀ ଯନ୍ତ୍ରୀ ପଦବୀରେ ଥାଇ ଅବସର ଗ୍ରହଣ କରିଥିଲେ। ଅବସର ପରେ ଗୋପାଳଗାଁରେ ଅବସ୍ଥାନ କାଳରେ ବିଭିନ୍ନ ସାମାଜିକ ସଂଗଠନ ସହ ଯୋଡ଼ି ହେବା ସହ ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିଥିଲେ ସେ। ଜଣେ ଆଦର୍ଶ, ସରଳ, ନିଷ୍କପଟ, ଦରଦୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ କେବଳ ଗୋପାଳଗାଁ ନୁହେଁ ବରଂ କୁଅଁରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗୋଟିଏ ଦିନରେ ୯୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩,୦୫,୯୮୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩,୦୫,୯୮୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୧,୯୭୩ ରହିଛି । ଆଜି ଚିହ୍ନଟ ହୋଇଥିବା ୯୮୬ ଜଣଙ୍କ ମଧ୍ୟରୁ ୫୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୧୧୨ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରୁ ୬୪ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୪୩ ଜଣ, ବରଗଡ଼ରୁ ୩୪ ଜଣ, ଭଦ୍ରକରୁ ୧୦ ଜଣ, ବଲାଙ୍ଗୀରରୁ ୨୬ ଜଣ, ବୌଦ୍ଧରୁ ୮ ଜଣ, କଟକରୁ ୮୧ ଜଣ, ଦେବଗଡ଼ରୁ ୫ ଜଣ, ଢେଙ୍କାନାଳୁ ୨୬ ଜଣ, ଗଜପତିରୁ ୩ ଜଣ, ଗଞ୍ଜାମରୁ ୧୫ ଜଣ, ଜଗତ୍ସିଂହପୁରରୁ ୫୪ ଜଣ, ଯାଜପୁରରୁ ୨୮ ଜଣ, ଝାରସୁଗୁଡ଼ାରୁ ୧୯ ଜଣ, କଳାହାଣ୍ଡିରୁ ୪୨ ଜଣ, କନ୍ଧମାଳରୁ ୧୩ ଜଣ, କେନ୍ଦ୍ରାପଡ଼ାରୁ ୪୪ ଜଣ, କେନ୍ଦୁଝରରୁ ୪୯ ଜଣ, ଖୋର୍ଦ୍ଧାରୁ ୧୧୨ ଜଣ, କୋରାପୁଟରୁ ୧୪ ଜଣ, ମାଲକାନଗିରିରୁ ୬ ଜଣ, ମୟୂରଭଞ୍ଜରୁ ୫୭ ଜଣ, ନବରଙ୍ଗପୁରରୁ ୧୫ ଜଣ, ନୂଆପଡ଼ାରୁ ୩୮ ଜଣ, ପୁରୀରୁ ୩୨ ଜଣ, ରାୟଗଡ଼ାରୁ ୧୬ ଜଣ, ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୮୦ ଜଣ ଓ ଷ୍ଟେଟ୍ପୁଲ୍ରୁ ୨୩ ଜଣ ଚିହ୍ନଟ ହୋଇଛନ୍ତି।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ- ଏମ-କଣ୍ଟ୍ରାକ୍ଟ-ବି.ପି.ଓ-ହେରିଟେଜ-ଏମ୍, ତାରିଖ ୨୧.୧୦.୨୦୨୦। ଡିଭିଜନାଲ ମେକାନିକାଲ ଇଂଜିନିୟର, ଦକ୍ଷିଣପୂର୍ବ ରେଳପଥ ଖଡ଼ଗପୁରଙ୍କ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ନିମ୍ନଲିଖିତ କାର୍ଯ୍ୟଲାଗି ଟେଣ୍ଡର ଆମନ୍ତ୍ରଣ କରାଯାଇଛି। କାର୍ଯ୍ୟର ବିବରଣୀ ଓ ତାର ସ୍ଥାନ: ଦୁଇଟି ପୁରୁଣା ଏନ.ଜି ଲୋକମୋଟିଭସ (ଷ୍ଟିମ ଏବଂ ଡିଜେଲ) ଭାଟି ଏନଜି କୋଚ୍ ଏବଂ ଗୋଟିଏ ଏନ.ଜି ପରିଦର୍ଶନ କାରର ପ୍ରିଜରଭେସନ ଓ ବାରିପଦାର ହେରିଟେଜ ମିଉଜିଅମରେ ପ୍ରଦର୍ଶନ ପାଇଁ ପୁନସଂରକ୍ଷିତ ହେବ। ଅଟକଳ ମୂଲ୍ୟ: ୪୦,୬୩,୭୦୫.୨୪, ଇଏମଡି: ୮୧,୩୦୦.୦୦, ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୧.୧୧.୨୦୨୦ଘଂଟାରେ। ୱେବସାଇଟ୍ ବିଶେଷତା ଏବଂ ବିବରଣୀଗୁଡ଼ିକ: ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ ଡଟ୍ ଆଇଆରଇପିଏସ ଡଟ୍ ଗଭ୍ ଡଟ୍ ଇନ୍। ଟେଣ୍ଡର ଆରମ୍ଭ ତାରିଖ: ୦୬.୧୧.୨୦୨୦ ।

ପିଆର-୩୬୯

# ରାୟଗଡାରେ ଖରିଫ ଧାନ ଫସଲ ଆମଦାନୀ ନିମନ୍ତେ ପ୍ରଥମ ବୈଠକ




ରାୟଗଡ଼ା,୧୨।୧୧ (ନି.ପ୍ର): ଗୁରୁବାର ରାୟଗଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ୨୦୨୦-୨୧ ବର୍ଷ ପାଇଁ ଖରିଫ ଧାନ ଫସଲ ର କ୍ରୟ ବିକ୍ରୟ ନିମନ୍ତେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକଟି ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଙ୍କ ସଭାପତିତ୍ୱ ରେ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଚଳିତ ବର୍ଷ କିପରି ସୁରୁଖୁରୁରେ ଖରିଫ୍ ଧାନ ଫସଲ ଆମଦାନୀ ହୋଇପାରିବ ସେ ନେଇ ଚାଷୀ ମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ରବୀନ୍ଦ୍ର ବେହେରା ମଧ୍ୟ ଏହି ବର୍ଷ ଚାଷୀ ମାନଙ୍କ ପାଇଁ କି କି ସୁବିଧା ସୁଯୋଗ ସରକାରଂକ ପକ୍ଷରୁ ଚାଷୀ ମାନଙ୍କୁ ପ୍ରଦାନ କରାଯାଇଥିଲା ତାହା ବିସ୍ତୃତ ଭାବେ ଉପସ୍ଥାନ କରିଥିଲେ। ଚଳିତ ଖରିଫ୍ ଋତୁରେ ୮୩ ହଜାର ୨୮୩ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ୫୫ହଜାର୮୦୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ରବିନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଜିଲ୍ଲାରେ ୩୯୬ଟି ସ୍ଥାନରେ ମଣ୍ଡି ଖୋଲିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏବଂ ଏହି ମଣ୍ଡି ରେ ଜିଲ୍ଲାର ୧୧୯ ଟି ମିଲର୍ ଭାଗ ନେବେ। ଚଳିତ ବର୍ଷ ସରକାରଂକ ପକ୍ଷରୁ ଗତ ବର୍ଷ ତୁଳନାରେ ଧାନ ର ଦାମ ବୃଦ୍ଧି କରାଯାଇଥିବା ପ୍ରକାଶ କରିଛନ୍ତି। ଏହା କୁଇଣ୍ଟାଲ ପିଛା ୧୮୧୫ ରୁ ୧୮୬୮ ଟଙ୍କା ବୃଦ୍ଧି ପାଇଥିବା ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଏହି ଅବସରରେ ସାଂସଦ ପ୍ରତିନିଧି କୃଷ୍ଣ ଚନ୍ଦ୍ର ପଣ୍ଡା କହିଥିଲେ କି ଯେ ଗତବର୍ଷ ତୁଳନାରେ ଚଳିତ ବର୍ଷ ୧୦୦ ଟଙ୍କା ବୃଦ୍ଧି କରିଥିଲେ ଚାଷୀ ପରିବାର ଉପକୃତ ହୋଇଥାନ୍ତେ ବୋଲି କହିଥିଲେ ଓ ଚଳିତ ବର୍ଷ ସମସ୍ତେ ଯେପରି ଜାନୁଆରୀ ୧ ରୁ ,୧୦ ତାରିଖ ଭିତରେ ସମସ୍ତ ଚାଷୀ ଯେପରି ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେ ନେଇ ଯୋଗାଣ ଅଧିକାରୀ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ବି ଆର୍ ସି ଏସ ଅରୁଣ କୁମାର ସାହୁ କହଛନ୍ତି ଯେ ମଣ୍ଡି ପାଇଁ ୩୦ ଜଣ ଚାଷୀ ଙ୍କୁ ମାସ୍କ ସହ ଆସିବାକୁଅନୁରୋଧ କରିଥିଲେ। ଚଳିତ ବର୍ଷସମୁଦାୟ ୧୮୪୨୫ ଚାଷୀ ପୀକୃତ ହୋଇଛନ୍ତି । ସେଥି ମଧ୍ୟରୁ ୪୮୭ ଜଣଙ୍କ ବ୍ୟାଙ୍କ୍ ତଥ୍ୟ ଠିକ୍ ନଥିବା କହିଛନ୍ତି। ଧାନ ବିକ୍ରିପରେ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଏକାଉଣ୍ଟ୍କୁ ସିଧାସଳଖ ପୈଠ କରାଯିବ ବୋଲି ଯୋଗାଣ ଅଧିକାରୀ କହିଥିଲେ। ଅଦିନିଆ ବର୍ଷା ରୁ ମଣ୍ଡିକୁ ରକ୍ଷା କରିବା ପାଇଁ ଗୁଣୁପୁର ଓ ରାୟଗଡ଼ା ଆର୍ ଏମ୍ ସି ଠାରେ ମହଜୁଦ କରାଯିବ ବୋଲି କହିଥିଲେ। ଆଜିର ଏହି ଆୟୋଜିତ ବୈଠକ ରେ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଅନୁସୂଚିତ ଜନଜାତି ଓ ଜାତି ର ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ଗୁଣୁପୁର ଉପଜିଲ୍ଲାପାଳ ଜେ ସୋନାଲ, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ ବିଧାୟକ ଶ୍ରୀ ମକରନ୍ଦ ମୁଦୁଲି, ରାୟଗଡ଼ା ଉପଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଚାଷୀ ନିରନ ବକ୍ସି ପାତ୍ର, ଜେ ଏସ ଆର୍ ରମେଶ ରାଓ, ସୁଧୀର ସାହୁ, ମିଲର୍ ଆସୋସିଏସନ୍ ସଭାପତି କାଶୀ ନାଇଡୁ, ସମ୍ପାଦକ ଶ୍ରୀଧର, କେ ଶ୍ରୀଧର, ଶିଳା ଜଗନ୍ନାଥ ରାଓ ଓ ଏନ୍ ଶ୍ରିନୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୧୮ଟି ପ୍ରସ୍ତାବକୁ ....

ଦ୍ୱାରା ବଢି ସ୍ଥିରିକୃତ ଦର (ବିଏସପି)ରେ ବିଦ୍ୟୁତ୍ ଯୋଗାଇ ଦେଇଥାନ୍ତି। ଗତ କିଛି ବର୍ଷରେ ବିଦ୍ୟୁତ୍ ଉତ୍ପାଦନକାରୀମାନେ ବିଦ୍ୟୁତ୍ ଦର ବୃଦ୍ଧି କରିଛନ୍ତି ମାତ୍ର ସେହି ଅନୁଯାୟୀ ବିଏସପି ବଢିନାହିଁ । ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ସମୟ ସମୟରେ ଋଣ କରିବାକୁ ସକ୍ଷମ ହେବା ପାଇଁ ଓଡିଶା ସରକାର ଗ୍ରୀଡକୋକୁ ଗ୍ୟାରେଂଟି ଯୋଗାଇ ଆସୁଛନ୍ତି। ଗ୍ରୀଡକୋର ପ୍ରସ୍ତାବକୁ ବିଚାର କରି ସରକାର ଗ୍ରୀଡକୋ ସପକ୍ଷରେ ୨୦୨୦-୨୧ ବର୍ଷରେ ଋଣ କରିବାକୁ ୨୬୦୦ କୋଟି ଟଙ୍କାର ଗ୍ୟାରେଂଟି ମଂଜୁର କରିଛନ୍ତି। ଏହି ଗ୍ୟାରେଂଟି ଗ୍ରୀଡକୋକୁ ବ୍ୟାଙ୍କ୍ ଗୁଡିକରୁ ପ୍ରାୟ ୨ % ସୁଧ ରିହାତି ପାଇବାକୁ ସକ୍ଷମ କରିବ । ଓଡିଶା ସରକାରୀ ଯାନ୍ତ୍ରିକ ବିଦ୍ୟାଳୟ/ ପଲିଟେକ୍ନିକର ଲାବୋରଟୋରି ସହାୟକ (ନିଯୁକ୍ତି ପ୍ରଣାଳୀ ଓ ଚାକିରୀ ସର୍ତାବଳୀ) ନିୟମ ୨୦୨୦କୁ ରାଜ୍ୟ କ୍ୟାବିନେଟ୍ ର ଅନୁମୋଦନ ମିଳିଛି। ଏହାଦ୍ୱାରା ଲାବୋରଟୋରି ସହାୟକ କ୍ୟାଡରରେ ପଦୋନ୍ନତିର ସୁଯୋଗ ସୃଷ୍ଟି ହେବା ସହିତ ଭବିଷ୍ୟତରେ ଉଦୀୟମାନ ପ୍ରତିଭା ଏହି କ୍ୟାଡରରେ ଯୋଗ ଦେବାକୁ ଉତ୍ସାହିତ ହେବେ। ସମବାୟ ସମିତିର ପୂର୍ବତନ ରେଜିଷ୍ଟ୍ରାର ବିଭୂତି ଭୂଷଣ ପଟ୍ଟନାୟକ ଏବଂ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ସୁଧାଂଶୁ ଶେଖର ରଥଙ୍କୁ ଓଡିଶା ଲୋକସେବା ଆୟୋଗରେ ସଦସ୍ୟ ପଦବୀରେ ନିଯୁକ୍ତିକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି।

## ରାଜ୍ୟରେ ଆଉ ୧୪...

ମୟୁରଭଂଜ ଜିଲ୍ଲାର ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ୯୫ ଓ ୬୫ ବର୍ଷୀୟ ପୁରୁଷ ତଥା ସମ୍ବଲପୁରର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୮୩ ଓ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ସ୍ୱାଭିମାନ ଅଂଚଳରୁ ...

ହୋଇଥିବା ନେଇ ସୂଚନା ଦେଇଛନ୍ତି ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ । ପ୍ରକାଶ ଥାଉ କି, ପୂର୍ବରୁ ମଧ ବିଚ୍ଛିନ୍ନାଂଚଳରେ ଦୁଇଟି ସ୍ଥାନରେ ମାଟି ତଳେ ଡ଼ମ୍ପିଙ୍ଗ କରି ପୋତି ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି ଯବାନ ମାନେ । ଯବାନ ମାନଙ୍କୁ ଟାର୍ଗେଟ୍ କରି ବଡ଼ ଧରଣର ବିସ୍ଫୋରଣ ଘଟାଇବା ଲକ୍ଷ୍ୟ ନେଇ ମାଓବାଦୀ ମାନେ ଏହିଭଳି ଢ଼ଙ୍ଗରେ ଅସ୍ତ୍ରଶସ୍ତ୍ର ସବୁକୁ ମାଟି ତଳେ ଠୁଳ କରି ରଖୁଥିବାର ନଜିର ରହିଛି । ତେବେ ଯବାନ ମାନଙ୍କ ଏହି ସଫଳତା ପରେ ଲାଲବାହିନୀର ସମସ୍ତ ଉଦ୍ୟମ ପଣ୍ଡ ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କର ୨.୬୫ ...

ମାନଙ୍କ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇସ୍ପାତ କ୍ଷେତ୍ର ସମେତ ୧୦ଟି ମହତ୍ୱପୂର୍ଣ୍ଣ କ୍ଷେତ୍ରକୁ ୧.୪୬ ଲକ୍ଷ କୋଟିର ପିଏଲଆଇ(ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ) ଦିଆଯିବା ଘରୋଇ ବଜାରକୁ ନୂଆ ଉତ୍ସାହ ପ୍ରଦାନ କରିବ, ଘରୋଇ ଉତ୍ପାଦନରେ ପ୍ରତିଯୋଗିତାକୁ ଗତି ଦେବ, ଅର୍ଥନୀତି, ପୁଞ୍ଜିନିବେଶ, ରପ୍ତାନୀକୁ ସୁଦୃଢ଼ କରିବା ସହ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଓ ମେକ୍ ଇନ ଇଣ୍ଡିଆକୁ ଦ୍ରୁତ ଗତି ଦେବ । ସ୍ୱତନ୍ତ୍ର ଇସ୍ପାତ୍ ସେଗମେଂଟ୍ ପାଇଁ ପିଏଲଆଇ ; ଇସ୍ପାତ ଶିଳ୍ପକୁ ନୂତନ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଦେବ । ଏହାସହ ଘରୋଇ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଗୁଡ଼ିକର ପ୍ରତିଯୋଗିତାକୁ ବଢ଼ାଇବ ଓ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବ । ସବୁଜ ଉର୍ଜା ଓ ଘରୋଇ ପ୍ରତିରକ୍ଷା ଉପକରଣ କ୍ଷେତ୍ରରେ ୧୦ ହଜାର ୨୦୦ କୋଟି ଟଙ୍କାର ଶିଳ୍ପ ପ୍ରୋତ୍ସାହନ ରୋଜଗାର ସୃଷ୍ଟି କରିବା ସହ ଉଦ୍ୟମୀଙ୍କୁ ସୁଯୋଗ ପ୍ରଦାନ କରିବ ଏବଂ ଅର୍ଥନୀତିକୁ ମଜବୁତ୍ କରିବ । କୋଭିଡ଼-୧୯ର ଟୀକାର ବିକାଶ ପାଇଁ ୯୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବା ଏକ ଉଚିତ୍ ପଦକ୍ଷେପ । ସେହିପରି ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ପାଇଁ ଅତିରିକ୍ତ ୧୮ ହଜାର କୋଟି ଟଙ୍କାର ବ୍ୟବସ୍ଥା, ଇଏମଡ଼ି ସହ ଜଡ଼ିତ ନିୟମାବଳୀରେ ନିର୍ମାଣ ଏବଂ ଭିତିଭୂମି କ୍ଷେତ୍ରକୁ ସୁବିଧା ପ୍ରଦାନ କରିବା, ଗୃହ କିଣା ଏବଂ ଡେଭଲପରଙ୍କୁ ଆୟକର ରିହାତି ତଥା ଅନ୍ୟାନ୍ୟ ପଦକ୍ଷେପ ଗୃହ ଏବଂ ରିୟଲିଷ୍ଟେଟ୍ କ୍ଷେତ୍ରକୁ ଆଗେଇ ନେବ । ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଯୋଜନା ଅଧୀନରେ ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ଓ ଆଗାମୀ ଚାଷ ଋତୁରେ ସାର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କୃଷି କ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ସହାୟତା ଏବଂ ନିଆଯାଇଥିବା ଅନେକ ପଦକ୍ଷେପ ଗ୍ରାମୀଣ ନିଯୁକ୍ତିକୁ ତ୍ୱରାନ୍ୱିତ କରିବ ଏବଂ କୃଷି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

## ଭିଜିଲାନ୍ସ ଜାଲରେ...

ଏକା ସାଙ୍ଗରେ ଏହି ଚଢାଉ କରାଯାଇଛି। ତେବେ ତାଙ୍କ ଚହଟା ବାସଭବନରୁ ୮ ଲକ୍ଷ ୨୭ ହଜାର ୫୮ ଟଙ୍କା ସହ ୧୯୫ ଗ୍ରାମ ସୁନାଗହଣା ,୩୫ଗ୍ରାମ ରୂପା ଗହଣା ଜବତ କରାଯାଇଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ ସହ ଘରର ସମସ୍ତ ଆସବାସପତ୍ରକୁ ଆକଳନ କରାଉଥିବା ମଧ୍ୟ ଜଣାପଡିଛି। ଏହି ଚଡାଉ ସମୟରେ କେନ୍ଦ୍ରାପଡା ଭିଜିଲାନ୍ସ ଡିଏସପି ସୁରେନ୍ଦ୍ର ରାୟଗୁରୁ,ଭିଜିଲନ୍ସ ଇନିସପେକ୍ଟର ପ୍ରଦିପ ସାମଲ ଅନୁଗୁଳ,ଅନସୂୟା ସେନାପତି ଯାଜପୁର,ଅନୁପମ ସାହୁ କଟକ,ଶ୍ରାକାନ୍ତ କୁମାର ନାୟକ,ପ୍ରଦିପ୍ତ ପତି ଯାଜପୁର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ। ଏବଂ ଶେଷ ପର୍ଯ୍ୟାୟରେ ଏହି ସମ୍ପତିର ପରିମାଣ ବଢିବା ନେଇ ଆଶଙ୍କା ରହିଛି। ଧର୍ମଶାଳାରେ ଏହି ଚଢାଉ ଫଳରେ ଜିଲା ବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ କିରାଣୀ ହୋଇ ଏତେ ଟଙ୍କାର ସମ୍ପତି ଜବତ ହେବା ନେଇ ସାଧାରଣରେ ଚର୍ଚ୍ଚା ହୋଇଛି।

## ପୌର ନିର୍ବାଚନ ପାଇଁ ...

୨୦୧୨ ପଂଚାୟତ ନିର୍ବାଚନ, ୨୦୧୩ ପୌର ନିର୍ବାଚନ ଓ ୨୦୧୭ ପଂଚାୟତ ନିର୍ବାଚନରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆବର୍ଗଙ୍କ କ୍ଷେତ୍ରରେ ସଂରକ୍ଷଣ ହାର ୬୪ ପ୍ରତିଶତ ହେଉଥିଲା। ୨୦୧୦ରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ଏହି ସଂରକ୍ଷଣ ହାର ତାହାକୁ ଅବମାନନା କରୁଥିବା ଦର୍ଶାଇ ହାଇକୋର୍ଟରେ ୧ ଶହରୁ ଅଧିକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଏହାର ଶୁଣାଣି କରି ହାଇକୋର୍ଟ ଅନୁସୂଚିତ ଅଂଚଳକୁ ବାଦ ଦେଇ ରାଜ୍ୟର ଅନ୍ୟ ସମସ୍ତ ଅଂଚଳରେ ଆସନ ସଂରକ୍ଷଣକୁ ୫୦ ପ୍ରତିଶତରୁ ଅଧିକ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟର ରାୟକୁ କାଏମ ରଖିବାକୁ ରାଜ୍ୟସରକାର ଏହାର ପୁନର୍ବିଚାର ପାଇଁ ଏକ ରିଭ୍ୟୁ ପିଟିସନ ଦାଖଲ କରିଥିଲେ । ଯାହାକି ଖାରଜ ହୋଇଯାଇଥିଲା। ଉଲ୍ଲେଖ୍ୟଯୋଗ୍ୟ ରାଜ୍ୟରେ ୨୦୧୮ ମସିହା ସେପ୍ଟେମ୍ବର ମାସରୁ ବିଭିନ୍ନ ପୌରାଞ୍ଚଳରେ ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିବା ଆରମ୍ଭ ହୋଇଥିଲା । ୨୦୧୯ ଫେବୃଆରି ୧୩ ତାରିଖ ମଧ୍ୟରେ କଟକ, ଭୁବନେଶ୍ୱର ମହାନଗର ନିଗମ ସହିତ ରାଜ୍ୟର ୯୩ ଟି ପୌରାଂଚଳର ନିର୍ବାଚିତ ପ୍ରତିନିଧିମାନଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା ।

## ମୁଖ୍ୟ ଚିକିତ୍ସାଳୟରେ ...

ମାନସ କୁମାର ଦତ୍ତ, ସମାଜସେବୀ ଉମାକାନ୍ତ ମହାପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟରେ ପ୍ରତିଷ୍ଠା ହୋଇଥିବା ଏହି ୱାଟର ଏଟିଏମରୁ ଘଣ୍ଟା ପ୍ରତି ୫ଶହ ଲିଟର ବିଶୁଦ୍ଧ ପାନୀୟ ଜଳ ମିଳି ।ରିବ। ଏହି ମେସିନ୍ ଗୁଡ଼ିକରେ ଉଭୟ ଥଣ୍ଡା ଓ ଗରମ ପାଣି ଲୋକେ ପାଇପାରିବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବାଲେଶ୍ୱରର ରୂପସା, ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ଡାକ୍ତରଖାନାରେ ମଧ୍ୟ ଅନୁରୂପ ଭାବେ ୱାଟର ଏଟିଏମ ଉଦ୍ଘାଟିତ ହୋଇଥିବା ଜଣାପଡ଼ିଛି।

# ବିଜୟ ପାଇଁ ତିର୍ତୋଲ ଓ ବାଲେଶ୍ୱରର କର୍ମୀ ମାନଙ୍କୁ ଧନ୍ୟବାଦ ଜଣାଇଲେ ବିଜେଡି ସଭାପତି

ଭୁବନେଶ୍ୱର,୧୨।୧୧ (ନି.ପ୍ର): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫ୍ରେନ୍ସିଂ ଜରିଆରେ ଆଜି ତିର୍ତୋଲ ଓ ବାଲେଶ୍ୱରର କର୍ମୀ, ଉପ ନିର୍ବାଚନରେ ଥିବା ପର୍ଯ୍ୟବେକ୍ଷକ ଓ ନେତା ମାନଙ୍କ ସହ ଆଲୋଚନା କରିଥିଲେ । ଉପ ନିର୍ବାଚନରେ ଉଭୟ ତିର୍ତୋଲ ଓ ବାଲେଶ୍ୱରର ଜନସାଧାରଣ ବହୁସଂଖ୍ୟାରେ ଭୋଟ ଦେଇ ବିଜୁ ଜନତା ଦଳର ପ୍ରାର୍ଥୀ ଦ୍ୱୟଙ୍କୁ ଆଶୀର୍ବାଦ କରିଥିବାରୁ ସଭାପତି ଉଭୟ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ସେ କହିଥିଲେ ଯେ ଏହି ବିଜୟ ହେଉଛି ଜନସାଧାରଣଙ୍କ ବିଜୟ। ବିଜୟର ଶ୍ରେୟ ସେ ଜନସାଧାରଣ ଓ ବିଜେଡି ଦଳର କର୍ମୀ, ନେତା ମାନଙ୍କୁ ଦେଇ କହିଥିଲେ ଯେ କୋବିଡ ସମୟରେ ପ୍ରଚାର କାମ ଏତେ ସହଜ ନ ଥିଲା । ଅସୁବିଧା ସତ୍ତ୍ୱେ ଦଳର କର୍ମୀ ମାନେ କଠିନ ପରିଶ୍ରମ ସହ କୋବିଡ ନିୟମ ମାନି ପ୍ରଚାର କରି ବିଜୟ ଆଣି ଦେଇଥିବାରୁ ସେମାନେଙ୍କୁ ଧନ୍ୟବାଦ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଉଭୟ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଓ ନେତା ମାନେ ମଧ୍ୟ ଯେଭଳି ଦକ୍ଷତାର ସହ ପ୍ରଚାର କାମ କରିଥିଲେ ସେଥିପାଇଁ ସେମାନଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଥିଲେ। କୋବିଡ ସମୟରେ ମଧ୍ୟ ଭୋଟର ଭାଇ ଭଉଣୀ ମାନେ ବିଶେଷ କରି ଆମ ମା ମାନେ ଯେଭଳି ଭୋଟ କେନ୍ଦ୍ରକୁ ଆସି ବିଜେଡିକୁ ଆଶୀର୍ବାଦ କରିଛନ୍ତି ସେଥିପାଇଁ ସେ ଉଭୟ ଆସନର ମା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଥିଲେ ଯେ ସେ କଥାରେ ନୁହେଁ ବରଂ ସବୁବେଳେ କାମରେ ବିଶ୍ୱାସ କରି ଆସିଛନ୍ତି । ନିର୍ବାଚନ ସମୟରେ ଦଳ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ନିଷ୍ଠାପର ଉଦ୍ୟମ କରା ଯିବ ବୋଲି ସେ କହିଥିଲେ । ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ବଜାୟ ରଖିବା ପାଇଁ ସେ ବିଭିନ୍ନ ପଂଚାୟତ ଓ ୱାର୍ଡ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଓ ନେତା ମାନେ ନିଜ ନିଜ ଅଂଚଳକୁ ଯାଇ ତାଙ୍କ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବାକୁ ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବ ନିର୍ବାଚିତ ବିଧାୟକଙ୍କ ସମେତ ବିଜେଡି ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଦେବାଶୀଷ ସାମନ୍ତରାୟ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

ଶୁକ୍ରବାର, ୧୩ ନଭେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପୂର୍ବତଟ ରେଳପଥ ମଧ୍ୟରେ ଚାଲିବ ଆଉ ୪ଟି ବିଶେଷ ଟ୍ରେନ୍

ଭୁବନେଶ୍ୱର,୧୨।୧୧ (ନି.ପ୍ର): ପୂର୍ବତଟ ରେଳପଥ ଆଉ ଚାରିଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତି ନେଇଛି । ଏହି ଟ୍ରେନ ଗୁଡିକ ହେଉଛି - ବିଶାଖାପାଟନମ୍-ରାୟଗଡା-ବିଶାଖାପାଟନମ୍, ପାଲାସା-ବିଶାଖାପାଟନମ୍-ପାଲାସା, ପାଲାସା-ଭୁବନେଶ୍ୱର-ପାଲାସା ଏବଂ ସମ୍ବଲପୁର-ରାୟଗଡା-ସମ୍ବଲପୁର। ୦୮୫୦୮/୦୮୫୦୭ ବିଶାଖାପାଟନମ୍-ରାୟଗଡା-ବିଶାଖାପାଟନମ୍ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ ୧୫ ନଭେମ୍ବରରୁ ବିଶାଖାପାଟନମରୁ ଅପରାହ୍ନ ୪ଟା୫୦ମିରେ ଛାଡି ରାୟଗଡା ଠାରେ ରାତି୯ ଟାରେ ପହଂଚିବ । ଫେରିବା ସମୟରେ, ୦୮୫୦୭ ରାୟଗଡା-ବିଶାଖାପାଟନମ୍ ବିଶେଷ ଟ୍ରେନ ୧୬ ନଭେମ୍ବର ଠାରୁ ରାୟଗଡ଼ାରୁ ସକାଳ ୫ଟା୧୫ମିରେ ଛାଡି ବିଶାଖାପାଟନମରେ ପୂର୍ବାହ୍ନ ୯ଟା୨୫ମି.ରେ ପହଂଚିବ। ଏହି ଟ୍ରେନରେ ୧୦ ଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ କୋଚ୍ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ରହିବ। ୦୮୫୩୧/୦୮୫୩୨ ପାଲାସା-ବିଶାଖାପାଟନମ୍-ପାଲାସା ସ୍ୱତନ୍ତ୍ର ଏକ୍ସପ୍ରେସ ୧୬ ନଭେମ୍ବର ଠାରୁ ପାଲାସା ଠାରୁ ସକାଳ ୫ଟା୨୫ମି.ରେ ଛାଡି ବିଶାଖାପାଟନମରେ ପୂର୍ବାହ୍ନ ୧୦ଟାରେ ପହଂଚିବ । ଫେରିବା ଦିଗରେ, ୦୮୫୩୨ ବିଶାଖାପାଟନମ୍-ପାଲାସା ବିଶେଷ ଟ୍ରେନ ବିଶାଖାପାଟନମରୁ ୧୫ ନଭେମ୍ବରରୁ ସନ୍ଧ୍ୟା ୬ଟା୩୫ମିରେ ଛାଡି ପଲାସାରେ ରାତି ୧୧ଟା୩୦ମି.ରେ ପହଂଚିବ। ଏହି ଟ୍ରେନ୍ ରେ ୧୪ ଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ କୋଚ୍ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ରହିବ। ସେହିପରି ୦୮୪୩୪/୦୮୪୩୩ ପାଲାସା-ଭୁବନେଶ୍ୱର-ପାଲାସା ସ୍ୱତନ୍ତ୍ର ଏକ୍ସପ୍ରେସ ୧୬ ନଭେମ୍ବରରୁ ପଲାସାରୁ ସକାଳ ୬ ଟାରେ ଛାଡି ଭୁବନେଶ୍ୱରରେ ପୂର୍ବାହ୍ନ ୧୦ଟା୧୦ମିରେ ପହଂଚିବ । ଫେରିବା ଦିଗରେ, ୦୮୪୩୩ ଭୁବନେଶ୍ୱର-ପଲାସା ବିଶେଷ ଟ୍ରେନ ଭୁବନେଶ୍ୱରରୁ ୧୫ ନଭେମ୍ବରରୁ ସନ୍ଧ୍ୟା ୬ଟା୨୦ମି.ରେ ଛାଡି ପଲାସା ଠାରେ ରାତି ୧୦ଟା୪୦ମି.ରେ ପହଂଚିବ । ଏହି ଟ୍ରେନରେ ୧୬ ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଙ୍ଗ କୋଚ୍ ରହିବ।

## ବାଲେଶ୍ୱରରେ ଖୁବଶୀଘ୍ର ପ୍ରତିଷ୍ଠା ହେବ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ : କ୍ରୀଡ଼ାମନ୍ତ୍ରୀ




ବାଲେଶ୍ୱର,୧୨।୧୧ (ନି.ପ୍ର): ବାଲେଶ୍ୱର ସହରର ଅଫିସର୍ସ କ୍ଲବ ପରିସରର ପରିବର୍ଦ୍ଧିତ ଇଡେନ୍ ଇଣ୍ଡୋର ବ୍ୟାଡ଼ମିଣ୍ଟନ କୋର୍ଟ ଓ ନବ ନିର୍ମିତ ସିନ୍ଥେଟିକ୍ସ ଲନ୍ ଟେନିସ କୋର୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ବାଲେଶ୍ୱର ଜିଲ୍ଲାର ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କ ବିକାଶରେ ଏହି ବ୍ୟାଡ଼ମିଣ୍ଟନ ଓ ଟେନିସ୍ କୋର୍ଟ ବିଶେଷ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ନୂଆ ଯୋଜନାରେ ବାଲେଶ୍ୱରକୁ ଖୁବଶୀଘ୍ର ସାମିଲ କରାଯାଉଥିବା ନେଇ ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଥିଲେ। ଏଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ୨୦ ଏକର ପରିମିତ ଜମିରେ ସମ୍ମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସରେ ସୁଇମିଂ ପୁଲ, ଫୁଟବଲ ଖେଳ ଓ କ୍ରିକେଟ୍ ଖେଳ ପାଇଁ ବଡ଼ ପଡ଼ିଆ, ଲନ୍ ଟେନିସ କୋର୍ଟ, ବ୍ୟାଡ଼ମିଣ୍ଟନ କୋର୍ଟ ପ୍ରଭୃତି ଉପଲବ୍ଧ ହେବା ସହ ଆନୁସଙ୍ଗିକ କ୍ରୀଡ଼ା ସୁବିଧା ରହିବ ବୋଲି ସେ କହିଥିଲେ। ନବ ନିର୍ବାଚିତ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ପୂର୍ବତନ ପୌରପାଳ ଆଲୋକ କୁମାର ସାହ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ କ୍ରୀଡ଼ା ସଂଗଠନ ପ୍ରତିନିଧି, କ୍ରୀଡ଼ାବିତ୍, ପ୍ରଶାସନର ବରିଷ୍ଠ ପଦାଧିକାରୀ ଏଥିରେ ଉପସ୍ଥିତ ଥିଲେ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାଣସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ସର୍ବ ଭାରତୀୟ ଧର୍ମଘଟକୁ ଅଙ୍ଗନୱାଡ଼ି କର୍ମୀ ସଂଘର ସମର୍ଥନ




ବାଲେଶ୍ୱର,୧୨।୧୧ (ନି.ପ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଦାବିନେଇ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ସର୍ବ ଭାରତ ସ୍ତରୀୟ ଧର୍ମଘଟ ପରିପ୍ରେକ୍ଷୀରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ, ବାଲେଶ୍ୱର ଶାଖାର ଏକ ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରତିଭା ପାଲ ଏଥିରେ ସଭାପତିତ୍ୱ ସହ ସାମ୍ପ୍ରତିକ ସ୍ଥିତିରେ ଅଙ୍ଗନୱାଡ଼ି କର୍ମୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ୨୬ ତାରିଖର ଆନ୍ଦୋଳନ ସମର୍ଥନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ସମ୍ପ୍ରତି ପ୍ରି ସ୍କୁଲ ଶିଶୁଙ୍କ ପାଇଁ ପୋଷକ ବିତରଣରେ ଏସଏଚଜି ଓ ସିଡିପିଓମାନେ କରୁଥିବା ଦୁର୍ନୀତି ସମ୍ପର୍କରେ ଶ୍ରୀମତୀ ପାଲ ଆଲୋକପାତ କରିଥିଲେ। ସରକାରୀ ନିର୍ଦ୍ଦେଶ ଉଲ୍ଲଂଘନ କରି ବେପାରୀଙ୍କ ଦ୍ୱାରା ପୋଷକ ଯୋଗାଣ କରି ସିଡିପିଓ ଓ ଏସଏଚଜି କର୍ମକର୍ତ୍ତାମାନେ ଅର୍ଥ ହରିଲୁଟ୍ କରୁଥିବା ନେଇ ଏହି ବୈଠକରେ ଆରୋପ ଉଠିଥିଲା। ଏହାର ବିଧିବଦ୍ଧ ତଦନ୍ତ ଦାବି କରାଯାଇଥିଲା। ଏଥି ସହିତ ଅଙ୍ଗନୱାଡ଼ି ପାଇଁ ଆବଶ୍ୟକ ଅନୁସାରେ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚାଉଳ ତଥା ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିବା, ଖାଲିପଡ଼ିଥିବା ସୁପରଭାଇଜର ପଦବୀରେ କର୍ମୀଙ୍କୁ ପଦୋନ୍ନତି ଦେବା, ଏସଏନପି ଓ ଟିଏଏଚଆରର ଦେୟ ନିୟମିତ ପ୍ରଦାନ କରିବା, ବଜାର ଦର ଅନୁସାରେ ସମଗ୍ରୀ ମୂଲ୍ୟଞ୍ଜ ପ୍ରଦାନ କରିବା ପାଇଁ ଏହି ବୈଠକରେ ଦାବି ହୋଇଥିଲା। ଏନେଇ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ବାଲେଶ୍ୱରରେ ସଫଳ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ସଦର ମହକୁମା ସମେତ ପ୍ରତି ବ୍ଲକରେ ଏହି ଆନ୍ଦୋଳନକୁ ପ୍ରତିଫଳିତ କରାଇବା ଉପରେ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ସଂଘର ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ଏଥିରେ ବିବରଣୀ ଉପସ୍ଥାପନ କରିଥିବା ବେଳେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ତଥା ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ସମାଜସେବୀ ମନୋରଂଜନ ଦାସ, ଶାନ୍ତିପ୍ରିୟା ଜେନା, ଶାନ୍ତିଲତା ମାଝୀ, କଳ୍ପନା ଦେ, ପୂର୍ଣ୍ଣିମା ସାହୁ, ନିର୍ବାସିନି ପ୍ରଧାନ, ନୀଳିମା ଜେନା, ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଅଙ୍ଗନୱାଡ଼ି କର୍ମୀ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆରମ୍ଭ ହେଲା ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷା

### ୯ ଗୋଟି ପରୀକ୍ଷା କେନ୍ଦ୍ରରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଦେଉଛନ୍ତି ପରୀକ୍ଷା




ବାରିପଦା ,୧୨।୧୧ (ନି.ପ୍ର): ବୁଧବାର ଠାରୁ ସବୁଠି ଯୁକ୍ତ ଦୁଇ ଇନଷ୍ଟାଂଟ ପରୀକ୍ଷା ଆରମ୍ଭ ହୋଇଛି । ସମସ୍ତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହୋଇଛି । ମୟୂରଭ ଜିଲ୍ଲାର ୯ଗୋଟି ପରୀକ୍ଷା କେନ୍ଦ୍ରରେ ଏହି ଇନଷ୍ଟାଂଟ ପରୀକ୍ଷା ହୋଇଛି । ଯେଉଁଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପରୀକ୍ଷା ଦେଇଛନ୍ତି । ଜିଲ୍ଲାର ସଦର ମହକୁମା ବାରିପଦାରେ ମହାରାଜା ପୂର୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ଓ ବାରିପଦା ମହାବିଦ୍ୟାଳୟ ସମେତ ଚିତ୍ରଡା ମହାବିଦ୍ୟାଳୟ, ବେତନଟୀ ମହାବିଦ୍ୟାଳୟ, ଉଦଳା ମହାବିଦ୍ୟାଳୟ, ସୀମାନ୍ତ ମହାବିଦ୍ୟାଳୟ, ରାଇରଙ୍ଗପୁର ମହାବିଦ୍ୟାଳୟ, ବିଶୋଇ ମହାବିଦ୍ୟାଳୟ, ଯଶିପୁର ମହାବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଛନ୍ତି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡିଶା ଶାଖାର ଉପସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି । ପରୀକ୍ଷା ପାଇଁ ସମସ୍ତ କେନ୍ଦ୍ରରେ ପୁଲିସ ମୁତୟନ ରହିବା ସହିତ ସିସିଟିଭି ଲଗାଯାଇଛି । ପ୍ରବେଶ ସମୟରେ ଫାଟକ ନିକଟରେ ଯେପରି ଭିଡ଼ ନହୁଏ ସେଥିପ୍ରତି ଦୃଷ୍ଟି ହେବାକୁ ସମସ୍ତ ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କୋଭିଡ୍-୧୯ ନିର୍ଦ୍ଦେଶାବଳୀ ଅନୁଯାୟୀ ପରୀକ୍ଷା ପରିଚାଳନା କରାଯାଉଛି । ପରୀକ୍ଷାର୍ଥୀ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ କରାଯିବା ସହ ସାନିଟାଇଜ୍ ମଧ୍ୟ କରାଯାଇଛି ।

## କଟକର ୪୬.୩୯% ଲୋକଙ୍କ ଦେହରେ ଆଂଟିବଡି

ଭୁବନେଶ୍ୱର,୧୨।୧୧ (ନି.ପ୍ର): କଟକ ସହରର ୪୬.୩୯ ପ୍ରତିଶତ ଲୋକଙ୍କ ଦେହରେ ଆଂଟିବଡି ତିଆରି ହୋଇଛି । ସେରୋ ସର୍ଭେ ରିପୋର୍ଟ ରୁ ଏହା ପଡିଛି ବୋଲି ଆରଏମଆରସି ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କରୋନାକୁ ନେଇ କଟକ ସହରରେ ମୋଟ ୨୨୭୪ ଜଣଙ୍କ ଠାରୁ ସାମ୍ପଲ ନିଆଯାଇଥିଲା ।୨୫ଟି ୱାର୍ଡରୁ ୧୬୩୪, ସମ୍ବେଦନଶୀଳ ଗୋଷ୍ଠୀରୁ ୬୪୦ ସାମ୍ପଲ ନିଆଯାଇଥିଲା । ୨୫ଟି ୱାର୍ଡରୁ ସଂଗୃହୀତ ସାମ୍ପଲରୁ ୪୧.୦୮% ଆଂଟିବଡି ତିଆରି ହୋଇଛି । ସମ୍ବେଦନଶୀଳ ଗୋଷ୍ଠୀରୁ ସଂଗୃହୀତ ସାମ୍ପଲରୁ ୫୬.୪% ଆଂଟିବଡି ତିଆରି ହୋଇଛି । ୧୬ ନଂ ୱାର୍ଡରୁ ସର୍ବନିମ୍ନ ୨୨%, ୪୭ ନଂ ୱାର୍ଡରୁ ସର୍ବାଧିକ ୬୭% ଆଂଟିବଡି ତିଆରି ହୋଇଛି । ସେହିପରି ଅଳ୍ପ ବୟସ୍କଙ୍କ ଭିତରେ ଆଂଟିବଡି ବେଶି ବିକଶିତ ହୋଇଛି ବୋଲି ଡ.ପତି କହିଛନ୍ତି ।

## କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ଦ୍ୱାରା ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ନାମ ଫଳକ ଉନ୍ମୋଚିତ




ପାରାଦୀପ ,୧୨।୧୧ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏଣିକି ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ରୁପେ ପରିଚିତ ଲାଭ କରିଛି । କେନ୍ଦ୍ର ଜାହାଜ ଚଳାଚଳ ତଥା ରସାୟନ ସାର ସ୍ୱାଧିନ ରାଷ୍ଟ୍ର ମନ୍ତ୍ରୀ ମନସୁଖ ମାଣ୍ଡଭିୟ ନୂଆଦିଲ୍ଲୀସ୍ଥିତ ମନ୍ତ୍ରଣାଳୟ ପରିସରରେ ଏ ସଂପର୍କିତ ନାମ ଫଳକକୁ ଆଜି ଶୁଭ ଉଦ୍‌ଘାଟନ କରିଛନ୍ତି । ସୁଚନାଥାଉକି, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୮ତାରିଖରେ ରୋ-ପ୍ୟାକ୍ସ ନୌସେବାର ଉଦ୍‌ଘାଟନ ଅବସରରେ ଏ ସମ୍ପର୍କିତ ବିଧିବଦ୍ଧ ଘୋଷଣା କରିଥିଲେ । ମନ୍ତ୍ରଣାଳୟ ତଦନୁଯାୟୀ ସମସ୍ତ ପ୍ରକାର ବିଧିବ୍ୟବସ୍ଥାକୁ ମାତ୍ର ଦୁଇଦିନ ମଧ୍ୟରେ ସମ୍ପୂର୍ଣ୍ଣ କରି ଏ ସମ୍ପର୍କରେ ଆନୁଷ୍ଠାନିକ ବିଜ୍ଞପ୍ତି ୧୦ତାରିଖ ଦିନ ପ୍ରକାଶିତ କରିଥିଲା । ଏହି ଶୁଭ ଉନ୍ମୋଚନ ଅବସରରେ ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ଦିଗରେ ସମଗ୍ର ଦେଶ ଅଗ୍ରସର ହେଉଛି ଓ ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ନିମନ୍ତେ ତାଙ୍କ ପ୍ରତି ବିନମ୍ର କୃତଜ୍ଞତା ଜ୍ଞାପନ କରିଥିଲେ । ଏତଦ୍‌ବ୍ୟତିତ ଏହି ମନ୍ତ୍ରଣାଳୟର ପରିବର୍ତ୍ତନ ଦ୍ୱାରା ଜଳମାର୍ଗ ଓ ଉପକୂଳ ଜାହାଜ ଚଳାଚଳ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଦେଶରେ ୧୪ଶହ କି.ମି. ଜଳମାର୍ଗ ସମ୍ପୂର୍ଣ୍ଣ ବିକଶିତ ହୋଇଛି ଓ ୧ହଜାର କି.ମି. ଅନୁଧ୍ୟାନ ପ୍ରକ୍ରିୟା ଜାରି ରହିଛି । ମନ୍ତ୍ରଣାଳୟ ପୋର୍ଟ ଗ୍ରିଡ୍ ସୃଷ୍ଟି କରିବା ପାଇଁ ଚେଷ୍ଟିତ ଯେଉଁଥିରେ ଛୋଟ ମାଛଧରା ବନ୍ଦର, କୃଷିଭିତ୍ତିକ ବନ୍ଦର ଏବଂ ଖଣିଜ ଦ୍ରବ୍ୟ ଭିତ୍ତିକ ବନ୍ଦର ଗୁଡିକ ସାମିଲ ରହିବେ । ଏହା ଦ୍ୱାରା ବନ୍ଦର ଭିତ୍ତିକ ଜାତୀୟ ବିକାଶ ସମ୍ଭବ ପର ହୋଇ ପାରିବ ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଚିବ ସଂଜୀବ ରଂଜନ, ଅତିରିକ୍ତ ସଚିବ ସଂଜୟ ବନ୍ଦୋପାଧ୍ୟାୟ ଙ୍କ ସମେତ ପାରାଦୀପ ବନ୍ଦର ଅଧକ୍ଷ ରିଙ୍କେଶ ରଏ ଓ ଅନ୍ୟ ବୃହତ ବନ୍ଦର ଅଧକ୍ଷମାନେ ଭିଡିଓ କନ୍‌ଫରେନ୍ସିଂ ମାଧମରେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ବୋଲି ପାରାଦୀପ ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୁଚନା ଦେଇଛନ୍ତି ।

## ମୁନିଗୁଡା ବ୍ଲକରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ସୌରଚାଳିତ ରାଇସ୍ ହଲର ଉଦ୍‌ଘାଟିତ




ଗୁଣୁପୁର ,୧୨।୧୧ (ନି.ପ୍ର): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ କୁମୁଡାବାଲି ପଞ୍ଚାୟତ ସିଙ୍ଗାରୀ ଗ୍ରାମରେ ମୁନିଗୁଡାର ସ୍ୱେଚ୍ଛାସେବୀ ସଂଗଠନ ହର୍ଷଟ୍ରଷ୍ଟ ତରଫରୁ ସୌରଚାଳିତ ରାଇସ୍ ହଲରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ଶ୍ରୀଯୁକ୍ତ ସୁଧିର କୁମାର ଦାଶ ଓ ସମସ୍ତଙ୍କ ପ୍ରିୟ ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସାରକାଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଜେଡିର ଆଗଧାଡ଼ିର ବରିଷ୍ଠ ନେତା ପୂର୍ଣଚନ୍ଦ୍ର ଗୌଡ ଓ ରତନଲାଲ ଜୈନ ଯୋଗଦେଇଥିବା ବେଳେ ହର୍ଷଟ୍ରଷ୍ଟର କର୍ମକର୍ତ୍ତାମାନେ ଉପସ୍ଥିତ ଥାଇ ସମସ୍ତ ଆୟୋଜନ କରିଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ସାରକା ଓ ରାଜ୍ୟ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଉପଦେଷ୍ଟା ଶ୍ରୀଯୁକ୍ତ ଦାସ ମହିଳାମାନଙ୍କ ସମସ୍ୟା ପଚାରି ବୁଝିବା ସହ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଯୋଗାଉଥିବା ଲୋକହିତକର ଯୋଜନାକୁ ଲୋକମାନେ ଠିକ ଭାବେ ପାଇପାରିଛନ୍ତି କି ନାହିଁ ତାହା ପଚାରି ବୁଝିଥିଲେ ।

## ଅପହୃତ ବ୍ୟବସାୟୀ ପ୍ରଦୀପ କୁଣ୍ଡୁ ଘରକୁ ଫେରିଲେ

ରାଉରକେଲା,୧୨।୧୧ (ନି.ପ୍ର): ସୁନ୍ଦରଗଡ଼ ପୋଲିସ ଜିଲ୍ଲାରୁ ଅପହୃତ ବ୍ୟବସାୟୀ ପ୍ରଦୀପ କୁଣ୍ଡୁ ଘରକୁ ଫେରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ସେ ରହସ୍ୟଜନକ ଭାବେ ଘରକୁ ଫେରିଥିବା ସୂଚନା ମିଳିଛି । ଗତ ଶନିବାର ଦିନ ବ୍ୟବସାୟୀ ପ୍ରଦୀପଙ୍କୁ ଅପହରଣ କରାଯାଇଥିଲା । ବୀରମିତ୍ରପୁର ବିଜାବାହାଲ କ୍ରସରରୁ ଫେରୁଥିବା ବେଳେ ତାଙ୍କୁ ରାସ୍ତାରୁ ଅପହରଣ କରି ନେଇଥିଲେ ଦୁର୍ବୃତ ମାନେ । ରାସ୍ତାରୁ ମିଳିଥିବା କାର୍ ନିକଟରୁ କିଛି ବ୍ୟବହୃତ ସିରିଞ୍ଜ୍ କୁ ପୂର୍ବରୁ ପୋଲିସ ଜବତ କରିଥିଲା । ବ୍ୟବସାୟୀଙ୍କ ନିଖୋଜ ସଂକ୍ରାନ୍ତରେ ପରିବାର ଲୋକଙ୍କ ପକ୍ଷରୁ ବୀରମିତ୍ରପୁର ଥାନାରେ ଏତଲା ହୋଇଥିଲା । ଏତଲାକୁ ଭିତି କରି ପୋଲିସ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଥିଲା । ପୋଲିସର ୬ଟି ଟିମ୍ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରୀ ରଖିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ବୀରମିତ୍ରପୁର ଅଂଚଳ ବିହାର-ଝାଡ଼ଖଣ୍ଡ ସୀମାନ୍ତରେ ଅବସ୍ଥିତ ।

## ସାଁସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୧୨।୧୧ (ନି.ପ୍ର): ଓଡ଼ିଶାରେ ନିମୋନିଆ ଜନିତ ଶିଶୁ ମୃତ୍ୟୁହାର କମାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିପାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ''ସାଁସ୍'' (ନିମୋନିଆର ସଫଳ ନିରାକରଣ ପାଇଁ ସାମାଜିକ ସଚେତନତା ଅଭିଯାନ) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ବ୍ୟାପକ ଜନସଚେତନତା ପାଇଁ ଅନେକ ସ୍ୱାସ୍ଥ୍ୟ ଶିକ୍ଷା ଉପକରଣ (ଲିଫ୍‌ଲେଟ୍, ପୋଷ୍ଟର ଇତ୍ୟାଦି) ଉନ୍ମୋଚିତ ହୋଇଛି । ୧୨ ନଭେମ୍ବରରୁ ୨୮ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କର ନିମୋନିଆ ଲକ୍ଷଣ ଚିହ୍ନଟ କରିବା ସହିତ ଚିକିତ୍ସା ପାଇଁ ପଦକ୍ଷେପ ନେବେ ଓ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବେ ।

## ରୋଟାରୀ ଇନରହୁଇଲ ଚେୟାରପର୍ସନଙ୍କ ଶାଶ୍ୱତ କ୍ଲବ ପରିଦର୍ଶନ




ବାଲେଶ୍ୱର,୧୨।୧୧ (ନି.ପ୍ର): ରୋଟାରୀ ଇନରହୁଇଲର ଚେୟାରପର୍ସନ ଇନା ପୁରୋହିତ ଆଜି ବାଲେଶ୍ୱର ରୋଟାରୀ ଇନରହୁଇଲ ଶାଶ୍ୱତ କ୍ଲବ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଚେୟାରପର୍ସନ ଇନା ପୁରୋହିତ ଶାଶ୍ୱତ କ୍ଲବର ସମାଜସେବା ମୂଳକ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ବିଶେଷ କରି ସମାଜର ଅବହେଳିତ ବର୍ଗଙ୍କ ଉନ୍ନତି ପାଇଁ କ୍ଲବ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଗରିବ ମେଧାବୀ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏଥି ସହିତ ଉଲ୍ଲେଖନୀୟ କାର୍ଯ୍ୟଧାରା ପାଇଁ ଚାନ୍ଦମଣି ସିଂ ଓ ସପନ ମହାରଣାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରୀ ଇନରହୁଇଲ ଶାଶ୍ୱତର ସଭାପତି ପଦ୍ମାବତୀ ଜେନା ଏଥିରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ଅବନ୍ତି ପ୍ରଧାନ କ୍ଲବର କାର୍ଯ୍ୟଧାରା ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ । ପୂର୍ବତନ ସଭାପତି ସତ୍ୟଭାମା ମୁଦୁଲି ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo